# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୧୦ ◆ ସଂଖ୍ୟା- ୦୪ ◆ ଭୁବନେଶ୍ୱର ◆ ସୋମବାର ◆ ସେପ୍ଟେମ୍ବର ୧୪ରୁ ସେପ୍ଟେମ୍ବର ୨୦, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-10 ◆ Issue-04 ◆ Bhubaneswar ◆ Monday ◆ September 14 to September 20, 2026 ◆ Page-8 ◆ Price Rs.4.00


## ପଶ୍ଚିମବଙ୍ଗରେ ନୂଆ ମିସାଇଲ୍ ଟେଷ୍ଟିଂ ସେଣ୍ଟର୍‌କୁ ମଞ୍ଜୁରି

ନୂଆଦିଲ୍ଲୀ,(ଏଜେନ୍ସି): ପ୍ରତିରକ୍ଷା କ୍ଷେତ୍ରରେ ଶତ୍ରୁଙ୍କୁ ଚେକ୍ ଦେବାକୁ ସମସ୍ତ ପ୍ରକାର ଉଦ୍ୟମ କରୁଛି ଭାରତ । ତେଣୁ ଦେଶରେ ଆଉ ଏକ ମିସାଇଲ୍ ଟେଷ୍ଟିଂ ସେଣ୍ଟର ତିଆରି ହେବ । ପଶ୍ଚିମବଙ୍ଗର ପୂର୍ବ ମେଦିନିପୁର ଜିଲ୍ଲାର ଜୁନପୁଟ ଗାଁରେ ଡିଆରଡିଓକୁ ଏକ ନୂଆ ମିସାଇଲ୍ ଏବଂ ରାଡାର ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା ପାଇଁ ମଞ୍ଜୁରି ମିଳିଛି। ସୂଚନା ଅନୁଯାୟୀ, ୨୦୨୪ଏପ୍ରିଲରେ ଡିଆରଡିଓ ଓଡିଶାର ଚାନ୍ଦିପୁରରେ ଇଣ୍ଟିଗ୍ରେଟେଡ୍ ଟେଷ୍ଟିଂ ରେଞ୍ଜ୍ ସହ ପୂର୍ବ ମେଦିନିପୁର ଉପକୂଳରେ ଆଉ ଏକ ଟେଷ୍ଟିଂ ରେଞ୍ଜ୍ ପାଇଁ ପ୍ରସ୍ତାବ ଦେଇଥିଲା। ସେହି ସମୟରେ ଟିଏମସି ସରକାର ଏଥିପାଇଁ ଜମି ଦେଇନଥିଲେ । ଏବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଶୁଭେନ୍ଦୁ ସରକାରଶୁକ୍ରବାର ଡିଆରଡିଓକୁ ଏହି ପ୍ରକଳ୍ପ ପାଇଁ ଏକ ପତ୍ର ପଠାଇଛନ୍ତି । ଏଥିରେ ସେ ଜମି ପାଇଁ ମଞ୍ଜୁରି ପ୍ରଦାନ କରିଥିବା କହିଛନ୍ତି । ଏହା ପଶ୍ଚିମବଙ୍ଗର ବିକାଶରେ ଏକ ବଡ଼ ପ୍ରକଳ୍ପ ହେବ ବୋଲି ଚିଠିରେ ଉଲ୍ଲେଖ ଅଛି। ମଞ୍ଜୁରି ମିଳିବା ପରେ ଏବେ ଖୁବ୍ ଶୀଘ୍ର ଡିଆରଡିଓ କାମ ଆରମ୍ଭ କରିବ। ତେବେ ପଶ୍ଚିମବଙ୍ଗର ପ୍ରସ୍ତାବିତ ଟେଷ୍ଟିଂ ରେଞ୍ଜ୍ ଚାନ୍ଦିପୁର ରେଞ୍ଜ୍ ଏବଂ ଆନ୍ଧ୍ର ପ୍ରଦେଶରେ ପ୍ରସ୍ତାବିତ ଟେଷ୍ଟିଂ ସେଣ୍ଟର ପରେ ତୃତୀୟ ବୃହତ ସେଣ୍ଟର ହେବ। ଏହା ଓଡିଶାରୁ ମଧ୍ୟ କାମ କରିପାରିବ।

## ଜାଭା ସମୁଦ୍ରରେ ବୁଡ଼ିଲା ଜାହାଜ

ଜାକର୍ତ୍ତା, (ଏଜେନ୍ସି): ଇଣ୍ଡୋନେସିଆର ଜାଭା ସମୁଦ୍ରରେ ଏକ ଯାତ୍ରୀବାହୀ ଫେରୀ (ଜାହାଜ) ବୁଡ଼ିଯିବା ଫଳରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦୭ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଖରାପ ପାଣିପାଗ ଯୋଗୁଁ 'ଭିର୍ଗୋ ଟ୍ରାନ୍ସପୋର୍ଟ ୮' ନାମକ ଏହି ଜାହାଜ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ବର୍ତ୍ତମାନ ସୁଦ୍ଧା ୧୩୦ ଜଣ ଯାତ୍ରୀ ନିଖୋଜ ଅଛନ୍ତି। ୩୯୦ ଫୁଟ (୧୧୯ ମିଟର) ଲମ୍ବର ଏହି ଫେରୀରେ ୨୧୩ ଜଣ ଯାତ୍ରୀ ଏବଂ ୩୦ ଜଣ କର୍ମଚାରୀଙ୍କୁ ମିଶାଇ ମୋଟ ୨୪୩ ଜଣ ଥିଲେ।

### ୟୁଏଇ ଗସ୍ତ ସାରି ଓଡ଼ିଶା ଫେରିଲେ ମୁଖ୍ୟମନ୍ତ୍ରୀ

# ନିଜ ମାଟିରେ ହିଁ ନିଯୁକ୍ତି ସରକାରଙ୍କ ଲକ୍ଷ୍ୟ



ଭୁବନେଶ୍ୱର: ରାଜ୍ୟର ଯୁବପିଢ଼ିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଆମ ସରକାର ନିଜର ସର୍ବାଧିକ ସାମର୍ଥ୍ୟର ଉପଯୋଗ କରୁଛନ୍ତି। ରାଜ୍ୟର ପୁଅ-ଝିଅ ପାଠପଢ଼ା ସାରିବା ପରେ ଯେପରି ନିଜ ମାଟିରେ ହିଁ ସମ୍ମାନଜନକ ନିଯୁକ୍ତି ପାଇପାରିବେ, ତାହା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଏଥିପାଇଁ ଆରମ୍ଭରୁ ହିଁ ଶିଳ୍ପାୟନ ଅଭିଯାନକୁ ବ୍ୟାପକ କରାଯାଇଛି। ରବିବାର ୟୁଏଇ ଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଭୁବନେଶ୍ୱର ବିମାନବନ୍ଦର ଠାରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ନିକଟରେ ବିବୃତ୍ତି ରଖି ସେ କହିଥିଲେ ଯେ, ଏହି ୟୁଏଇ ଗସ୍ତ, ଗତ ଦୁଇ ବର୍ଷ ଧରି ସରକାରଙ୍କ ଶିଳ୍ପାୟନ ଅଭିଯାନର ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ୨୦୨୫ ଜାନୁଆରୀରେ ଭୁବନେଶ୍ୱରରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ' ପରେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, କୋଲକାତା, ଗୁଜରାଟ ଠାରୁ ଆରମ୍ଭ କରି ସିଙ୍ଗାପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନକୁ ଗସ୍ତ କରି ପୁଞ୍ଜି ଯୋଗାଡ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ଏକ ସମର୍ପିତ ଟିମ୍ ନିରବିଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି। ଏହି ଉଦ୍ୟମ ଦ୍ୱାରା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ଏବଂ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଗୋଟିଏ ଗୋଟିଏ ମାଇଲଖୁଣ୍ଟ ଭାବେ ପରିଗଣିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ ଓ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ୟୁଏଇ ଗସ୍ତ କାଳରେ ୯, ୧୦ ଓ ୧୧ ତାରିଖ- ତିନି ଦିନ ଧରି ଆବୁଧାବି ଏବଂ ଦୁବାଇରେ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି। ୟୁଏଇ ଗସ୍ତରେ ସମୁଦାୟ ୫୨ଟି ବିଜନେସ ମିଟିଙ୍ଗ୍, ୬ଟି ରାଉଣ୍ଡଟେବୁଲ ମିଟିଙ୍ଗ୍, ୪୬ଟି ୱାନ୍-ଟୁ-ୱାନ୍ ମିଟିଙ୍ଗ୍ ସହ ପ୍ରାୟ ୪୦୦ ଶିଳ୍ପ ନେତୃତ୍ୱ ଓ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଛି। ଏହି ଗସ୍ତ କାଳରେ ସମୁଦାୟ ୮ଟି ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହେବା ସହ ୧୬ଟି ନିବେଶ ସମ୍ଭାବନା ସୃଷ୍ଟି ହୋଇଛି, ଯାହାଦ୍ୱାରା ରାଜ୍ୟକୁ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ ହୋଇଛି। ଏହାଦ୍ୱାରା ୬ ଲକ୍ଷ ୧୮ ହଜାର ୭୨୫ ପ୍ରତ୍ୟକ୍ଷ ସୁଯୋଗ ସୃଷ୍ଟି ହେବ। ପରୋକ୍ଷ ନିଯୁକ୍ତି ସହ ସମୁଦାୟ ପ୍ରାୟ ୯ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବରୁ ହାସଲ ହୋଇଥିବା ୨୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ପ୍ରସ୍ତାବକୁ ମିଶାଇ ବର୍ତ୍ତମାନ ରାଜ୍ୟର ମୋଟ୍ ନିବେଶ ପ୍ରସ୍ତାବ ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ଏହି ଗସ୍ତ କାଳରେ ୟୁଏଇର ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ତଥା ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧ୍ୟକ୍ଷ ଅବ୍‌ଦୁଲା ବିନ୍ ତକ୍ ଅଲ୍ ମାରି ଏବଂ ଆଇଏଚ୍‌ସିର ପରିଚାଳନା ନିର୍ଦ୍ଦେଶକ ସୟଦ ବସର୍ ସୁଏବ୍‌ଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଆଇଏଚ୍‌ସି ଓ ଆଦାନୀ ଗ୍ରୁପ୍ ମଧ୍ୟରେ ୨୦୨୬ ଜୁଲାଇ ୨ ତାରିଖରେ ହୋଇଥିବା ଭାଗିଦାରୀକୁ ଆଗକୁ ନେଇ ଓଡ଼ିଶାରେ ୧୪ଟି ନୂଆ ପ୍ରକଳ୍ପ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଦୁଇ କମ୍ପାନୀର ଇଣ୍ଟିଗ୍ରେଟେଡ୍ ଆଲୁମିନିୟମ୍ ପ୍ରୋଜେକ୍ଟ ପାଇଁ ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଶିଳ୍ପ ସ୍ଥାପନ ନେଇ ଉଦ୍ୟମ ଜାରି ରହିଛି। ଏହା ସହିତ ୟୁଏଇର ସଫଳ ଓଡ଼ିଆ ଉଦ୍ୟୋଗୀ ଓ ପ୍ରବାସୀ ଓଡ଼ିଆମାନଙ୍କ ସହ ଭାବର ଆଦାନପ୍ରଦାନ କରାଯାଇଛି, ଯାହା ଦ୍ୱିପାକ୍ଷିକ ବ୍ୟବସାୟିକ ଓ ସାଂସ୍କୃତିକ ସମ୍ପର୍କକୁ ଅଧିକ ମଜଭୁତ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

ସେ ଆହୁରି କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଏବଂ ଆସନ୍ତା ଦଶ ବର୍ଷ ମଧ୍ୟରେ ରାଜ୍ୟକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ଶିକ୍ଷିତ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ଏଥିପାଇଁ ଆଗାମୀ ଦିନରେ ପ୍ରତିଷ୍ଠିତ ହେବାକୁ ଥିବା କାରଖାନା ଓ ଅଫିସଗୁଡ଼ିକ ପାଇଁ ଯୁବବର୍ଗଙ୍କୁ ନିଯୁକ୍ତି-ପ୍ରସ୍ତୁତ କରିବାକୁ ଆବଶ୍ୟକୀୟ ଦକ୍ଷତା ପ୍ରଶିକ୍ଷଣ ଦିଆଯାଉଛି। ପ୍ରାରମ୍ଭିକ ସ୍ତରରେ ସଫଳତା ମିଳିବା ପରେ ସରକାରଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଏହିସବୁ ନିବେଶ ପ୍ରସ୍ତାବ ଓ ଏମଓୟୁ ଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରି ଉତ୍ପାଦନ ଆରମ୍ଭ କରିବା, ଯାହା ଆଗାମୀ ଦିନରେ ରାଜ୍ୟରେ ନିଯୁକ୍ତିର ଏକ ବଡ଼ ସୁଯୋଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଜଙ୍ଗଲ ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ , ଏକାମ୍ର ବିଧାୟକ ବାବୁ ସିଂ, ନିଆଳି ବିଧାୟକ ଛବି ମଲ୍ଲିକ, ଭଟଲି ବିଧାୟକଇରାସିସ ଆଚାର୍ଯ୍ୟ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ପିପିଲି ବିଧାୟକଆଶ୍ରିତ ପଟ୍ଟନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ଜଗନ୍ନାଥ ପ୍ରଧାନ ଏବଂ ବିପୁଳ ସଂଖ୍ୟାରେ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରି ଧନ୍ୟବାଦ ଜଣାଇଥିଲେ।

## ଓରାଙ୍ଗଉଟାନଙ୍କ ପାଇଁ ବୈଷୟିକ କମିଟି ଗଠନ

ଭୁବନେଶ୍ୱର,(ଜା.ପ୍ର): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ବିଚିତ୍ରପୁର ବଡ଼ପାହି ଜଙ୍ଗଲରୁ ଉଦ୍ଧାର କରାଯାଇ ଭୁବନେଶ୍ୱରର ନନ୍ଦନକାନନରେ ରଖାଯାଇଥିବା ୫ ଓରାଙ୍ଗଉଟାନ ଛୁଆଙ୍କ ପାଇଁ ୫ ଜଣିଆ ବୈଷୟିକ କମିଟି ଗଠନ କରାଯାଇଛି। ପିସିସିଏଫ (ବନ୍ୟପ୍ରାଣୀ) ଏହି କମିଟି ଗଠନ କରିଛନ୍ତି।

ଏହି ୫ ଜଣିଆ ବୈଷୟିକ କମିଟିରେ କର୍ଣ୍ଣାଟକାର ମହୀଶୂର ସ୍ଥିତ ଶ୍ରୀ ଚାମରାଜେନ୍ଦ୍ର ପ୍ରାଣୀ ଉଦ୍ୟାନର ଜଣେ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହିତ ଡେରାଡୁନ ସ୍ଥିତ ୱାଇଲ୍‌ଡ ଲାଇଫ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକଙ୍କ ଜଣେ ପ୍ରତିନିଧି, ଭୁବନେଶ୍ୱର ସ୍ଥିତ ଓୟୁଏଟିର ସେଣ୍ଟର ଫର ୱାଇଲ୍‌ଡଲାଇଫ୍ ହେଲ୍‌ଥର ପ୍ରୋଜେକ୍ଟ କୋଅର୍ଡିନେଟର, ନୂଆଦିଲ୍ଲୀ ସ୍ଥିତ ଜାତୀୟ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକଙ୍କ ଦ୍ୱାରା ମନୋନୀତ ଜଣେ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ନନ୍ଦନକାନନର ନିର୍ଦ୍ଦେଶକ ସଦସ୍ୟ ରହିଛନ୍ତି। ନନ୍ଦନକାନନର ନିର୍ଦ୍ଦେଶକ ଏହି କମିଟିର ଆବାହକ ଦାୟିତ୍ୱ ନିର୍ବାହ କରିବେ। ଉଦ୍ଧାର ହୋଇଥିବା ୫ ଓରାଙ୍ଗଉଟାନଙ୍କ ଉଚିତ୍ ଦେଖାଶୁଣା କରିବା ପାଇଁ ଏହି ବୈଷୟିକ କମିଟି ପରାମର୍ଶ ଦେବ ବୋଲି ପିସିସିଏଫ (ବନ୍ୟପ୍ରାଣୀ)ଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶରେ କୁହାଯାଇଛି। ଏଥିପାଇଁ ଏହି କମିଟି ଜାତୀୟ/ଅନ୍ତର୍ଜାତୀୟସ୍ତରର କୌଣସି ବ୍ୟକ୍ତିବିଶେଷ ବା ସଂଗଠନର ପରାମର୍ଶ ନେଇପାରିବେ। ୬ ମାସ ପାଇଁ ଏହି କମିଟି ଗଠନ କରାଯାଇଛି। ଆବଶ୍ୟକତା ଅନୁସାରେ ଏହି କମିଟିର କାର୍ଯ୍ୟକାଳକୁ ବୃଦ୍ଧି କରାଯିବ। ଅନ୍ୟପକ୍ଷରେ ଏହି ୫ ଓରାଙ୍ଗଉଟାନ ବିଚିତ୍ରପୁର ବଡ଼ପାହି ଜଙ୍ଗଲରେ କେମିତି ପହଞ୍ଚିଲେ, ସେ ନେଇ ଏଯାବତ କିଛି ଜଣାପଡ଼ିନାହିଁ। ଏହି ଘଟଣାର ତଦନ୍ତ କରୁଥିବା ଏସ୍‌ଟିଏଫ ଦୀଘାର ଜଣେ ହୋଟେଲ ମାଲିକ ଓ ତାଙ୍କ ପୁଅଙ୍କୁ ଖୋଜୁଛି। ସେମାନେ ଏହି ମାମଲା ସହିତ ସଂପୃକ୍ତ ଥିବା ନେଇ ଏସ୍‌ଟିଏଫ ସନ୍ଦେହ କରୁଛି। ସେମାନେ ଫେରାର ହୋଇଯାଇଥିବା ବେଳେ ପୁଲିସ ସେମାନଙ୍କୁ ଖୋଜୁଛି।

ଜାତୀୟ ଚେତନା
JATIYA CHETANA



# ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ନେଇ ରିଜର୍ଭ ବ୍ୟାଙ୍କର ନୂଆ ପ୍ରସ୍ତାବ

ନୂଆଦିଲ୍ଲୀ,(ଏଜେନ୍ସି): ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରୁ ହଠାତ୍ ଟଙ୍କା ଉଠାଇବା କିମ୍ବା ଅନ୍ୟ ଆକାଉଣ୍ଟକୁ ପଠାଇବା ବନ୍ଦ ହୋଇଗଲେ ଚିନ୍ତିତ ହେବାର ଏକ ବଡ଼ କାରଣ ହୋଇପାରେ। ଦେଶରେ ଦ୍ରୁତ ଗତିରେ ବଢୁଥିବା ସାଇବର ଠକେଇ ଏବଂ ବେଆଇନ ଟଙ୍କା କାରବାର ବା ଛଦ୍ମ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ଜରିଆରେ ଅପରାଧୀମାନେ ଟଙ୍କା ଘୁରାଇବାକୁ ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ନୂଆ ପ୍ରକ୍ରିୟାର ପ୍ରସ୍ତାବ ଆଣିଛି। ତେବେ ଏହା ଏବେ ମଧ୍ୟ କେବଳ ଚିଠା କିମ୍ବା ପ୍ରସ୍ତାବିତ ପର୍ଯ୍ୟାୟରେ ରହିଛି, ଅର୍ଥାତ୍ ଏହାକୁ ଚୂଡ଼ାନ୍ତ ନିୟମ ଭାବେ ତୁରନ୍ତ ଲାଗୁ କରାଯାଇନାହିଁ।

ସାଧାରଣତଃ ସାଇବର ଠକେଇରେ ଚୋରି ହୋଇଥିବା ଟଙ୍କାକୁ ଅପରାଧୀମାନେ ଗୋଟିଏ ଆକାଉଣ୍ଟରୁ ଅନ୍ୟ ଆକାଉଣ୍ଟକୁ ଶୀଘ୍ର ପଠାଇ ଦିଅନ୍ତି। ଏହି ବେଆଇନ ଟଙ୍କା ଘୁରାଇବା ପାଇଁ ବ୍ୟବହୃତ ବ୍ୟାଙ୍କ ଆକାଉଣ୍ଟକୁ ସାଧାରଣତଃ ଛଦ୍ମ କିମ୍ବା ମାଧ୍ୟମ ଆକାଉଣ୍ଟ କୁହାଯାଏ। ସହଜ ଭାଷାରେ କହିଲେ, ଅନ୍ୟ କାହାର ସାଇବର ଠକେଇ କିମ୍ବା ବେଆଇନ ଭାବେ ଆୟ କରାଯାଇଥିବା ଟଙ୍କାକୁ ନିଜ ଆକାଉଣ୍ଟରେ ଗ୍ରହଣ କରି ପୁଣି ଅନ୍ୟ ଆକାଉଣ୍ଟକୁ ପଠାଇବା ପାଇଁ ଯେଉଁ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର ହୁଏ, ତାହାକୁ ହିଁ ମାଧ୍ୟମ ଆକାଉଣ୍ଟ କୁହାଯାଏ। କେତେକ କ୍ଷେତ୍ରରେ ଆକାଉଣ୍ଟଧାରୀ ଜାଣିଶୁଣି ନିଜର ଆର୍ଥିକ ଲାଭ ପାଇଁ ଏଭଳି କାରବାରରେ ସାମିଲ ହୋଇଥାନ୍ତି, ଆଉ କେତେକ ସମୟରେ ଲୋଭନୀୟ ଚାକିରି, ପ୍ରୋତ୍ସାହନ ରାଶି କିମ୍ବା ଅନ୍ୟ ପ୍ରଲୋଭନ ଦେଖାଇ ଅସାଧୁ ଲୋକେ ସାଧାରଣ ନିରୀହ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରିଥାନ୍ତି। ରିଜର୍ଭ ବ୍ୟାଙ୍କର ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଏଭଳି ଆକାଉଣ୍ଟର ଅପବ୍ୟବହାର ବିରୋଧରେ ବ୍ୟାଙ୍କଗୁଡ଼ିକୁ ନିରନ୍ତର ନଜର ରଖିବା ସହ କଡ଼ା କାରବାର ନିରୀକ୍ଷଣ ଓ ଗ୍ରାହକ ସତ୍ୟାପନ ପଦକ୍ଷେପ ନେବାକୁ କୁହାଯାଇଛି। ପ୍ରସ୍ତାବିତ ବ୍ୟବସ୍ଥା ଅନୁଯାୟୀ, ବ୍ୟାଙ୍କର ସ୍ୱଚାଳିତ କାରବାର ନିରୀକ୍ଷଣ ପ୍ରଣାଳୀ କୌଣସି କାରବାରକୁ ସାଇବର ଠକେଇ କିମ୍ବା ବେଆଇନ କାର୍ଯ୍ୟକଳାପ ସହ ଜଡ଼ିତ ବୋଲି ସନ୍ଦେହ କଲେ, ସେହି ସନ୍ଦେହଜନକ ଟଙ୍କା ଉପରେ ଅସ୍ଥାୟୀ ରୋକ ଲଗାଯାଇପାରେ। ଯଦି ଏକ ନିର୍ଦ୍ଦିଷ୍ଟ ଟଙ୍କାରାଶି ଉପରେ ସନ୍ଦେହ ଥାଏ, ତେବେ କେବଳ ସେହି ରାଶିକୁ ଉଠାଣ କିମ୍ବା ହସ୍ତାନ୍ତର କରିବାରେ ଅସ୍ଥାୟୀ ରୋକ ଲଗାଯିବ। ଆଉ ଯଦି ସମ୍ପୂର୍ଣ୍ଣ ଆକାଉଣ୍ଟଟି ବେଆଇନ କାରବାର ପାଇଁ ବ୍ୟବହୃତ ହେଉଥିବା ସନ୍ଦେହ ହୁଏ, ତେବେ ସମ୍ପୂର୍ଣ୍ଣ ଆକାଉଣ୍ଟରୁ ଟଙ୍କା ଉଠାଣ କିମ୍ବା ଅନ୍ୟତ୍ର ପଠାଇବା ଉପରେ ଅସ୍ଥାୟୀ ରୋକ ଲଗାଯାଇପାରେ। ଏହି ପ୍ରସ୍ତାବିତ ନିୟମରେ ୧,୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର କାରବାର ସମ୍ପର୍କରେ ମଧ୍ୟ ବ୍ୟବସ୍ଥା ରହିଛି। କିନ୍ତୁ କେବଳ ୧,୦୦୦ ଟଙ୍କାରୁ ଅଧିକ କାରବାର କଲେ ଆକାଉଣ୍ଟ ବନ୍ଦ ହୋଇଯିବ- ଏଭଳି ଭାବିବା ସମ୍ପୂର୍ଣ୍ଣ ଭୁଲ୍। ବ୍ୟାଙ୍କର ଠକେଇ-ସମ୍ପର୍କିତ ନିରୀକ୍ଷଣ ପ୍ରଣାଳୀରେ ସନ୍ଦେହଜନକ ସଙ୍କେତ କିମ୍ବା ଅନିୟମିତତା ମିଳିବା ହିଁ ଏଠାରେ ମୁଖ୍ୟ ବିଷୟ। ପ୍ରସ୍ତାବିତ ପ୍ରକ୍ରିୟା ଅନୁଯାୟୀ, ବ୍ୟାଙ୍କ କୌଣସି ଆକାଉଣ୍ଟରେ ଅସ୍ଥାୟୀ ରୋକ ଲଗାଇଲେ ଗ୍ରାହକଙ୍କୁ ଏ ସମ୍ପର୍କରେ ତୁରନ୍ତ ସୂଚନା ଦେବା ବାଧ୍ୟତାମୂଳକ ହେବ।

# ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣରେ ୨୩ ଯବାନ ମୃତ

ଇସଲାମାବାଦ,(ଏଜେନ୍ସି): ବଲୁଚିସ୍ତାନର ଲାସବେଲା ଜିଲ୍ଲାରେ ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଛି। ଏନ-୨୫ ଜାତୀୟ ରାଜପଥ ଦେଇ ପାକିସ୍ତାନୀ ସେନାର କାରକେଡ୍ ଯାଉଥିବା ବେଳେ ଏହି ଆକ୍ରମଣ କରାଯାଇଛି। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ ଉକ୍ତ ବିସ୍ଫୋରଣରେ ୨୩ରୁ ଊର୍ଦ୍ଧ୍ୱ ଯବାନଙ୍କ ଜୀବନ ଯାଇ ଥିବା ଆଶଙ୍କା କରାଯାଉଛି ଏବଂ ଅନେକ ଯବାନ ଗୁରୁତର ହୋଇଥିବା କୁହାଯାଉଛି। ମିଡିଆ ରିପୋର୍ଟ ଅନୁସାରେ,ଘଟଣାଟି ଲାସବେଲାର କଶାରୀ ଅଞ୍ଚଳରେ ଘଟିଛି। ସେଠାରେ ଫ୍ରଣ୍ଟିଅର ଫୋର୍ସର ପ୍ରାୟ ୧୫ଟି ଗାଡ଼ିର କାରକେଡ୍ ଯାଉଥିବା ବେଳେ ଏହାକୁ ଟାର୍ଗେଟ କରି ବିସ୍ଫୋରଣ କରାଯାଇଥିଲା। ବିସ୍ଫୋରଣର ତୀବ୍ରତା ଯୋଗୁଁ ଏକ ସୁରକ୍ଷା ଗାଡ଼ିରେ ନିଆଁ ଲାଗିଯାଇ ଥିଲା । ଆହତ ଯବାନମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ବେଲା କ୍ୟାମ୍ପରେ ଭର୍ତ୍ତି କରାଯାଇଛି। ଏହି ଆକ୍ରମଣ ପଛରେ ବଲୁଚ ଲିବରେସନ ଆର୍ମିର ହାତ ଥିବା ସନ୍ଦେହ କରାଯାଉଛି। ଏହି ସଂଗଠନ ବିଗତ କିଛି ମାସ ହେବ ବଲୁଚିସ୍ତାନରେ ସୁରକ୍ଷା ବାହିନୀ, ସରକାରୀ ସମ୍ପତ୍ତି ଓ ରାଜପଥଗୁଡ଼ିକୁ ଲଗାତାର ଭାବେ ଟାର୍ଗେଟ କରି ଆସୁଛି। ତେବେ ପାକିସ୍ତାନ ସେନା ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଅଫିସିଆଲି ବିବୃତ୍ତି ଜାରି କରାଯାଇ ନଥିବାରୁ ମୃତାହତଙ୍କ ସଂଖ୍ୟାରେ ପରିବର୍ତ୍ତନ ହୋଇପାରେ। ଉଲ୍ଲେଖନୀୟ ଯେ, ଲାସବେଲା ଏନ-୨୫ ହେଉଛି ବଲୁଚିସ୍ତାନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରାଜପଥ, ଯାହା କରାଚୀକୁ କ୍ୱେଟା ସହ ଯୋଡ଼ିଥାଏ। ଏହି ସାମରିକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ ରାସ୍ତାରେ ପ୍ରାୟତଃ ସେନା କାରକେଡ୍ ଓ ବ୍ୟବସାୟିକ ଗାଡ଼ି ଯାତାୟାତ କରିଥାନ୍ତି।

## ଟେକ୍ନୋଲୋଜିକୁ ଅସ୍ତ୍ର ଭାବେ ବ୍ୟବହାର ନକରନ୍ତୁ ଶକ୍ତିଶାଳୀ ଦେଶ

# ବ୍ରିକ୍ସ ଦେଶ ଏକାଠି କାମ କରିବା ଉଚିତ୍: ମୋଦୀ



ନୂଆଦିଲ୍ଲୀ,(ଏଜେନ୍ସି): ସାରା ବିଶ୍ୱରେ ବଢୁଥିବା ଭୌଗଳିକ ଉତ୍ତେଜନା ସାଧାରଣ ଲୋକଙ୍କ ଜୀବନ ଉପରେ ଖରାପ ପ୍ରଭାବ ପକାଉଛି। ସୃଷ୍ଟି ହେଉଥିବା ଚ୍ୟାଲେଞ୍ଜଗୁଡିକ ସହ ଲଢ଼ିବା ପାଇଁ ସଭିଏଁ ଏକାଠି ହେବା ଦରକାର। ବିକାଶର ଅଗ୍ରଗତି ଉପରେ କାମ କରିବା ଉଚିତ୍। ଏଥିପାଇଁ ବ୍ରିକ୍ସଦେଶଗୁଡ଼ିକୁ ଏକାଠି ହେବାକୁ ରବିବାର ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀର ଦ୍ୱିତୀୟ ଦିନ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ପ୍ରସିଦ୍ଧ ଭାରତ ମଣ୍ଡପମ୍ ପରିସରରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ରବିବାର ଐତିହାସିକ ସଫଳତା ସହ ଉଦ୍‌ଯାପିତ ହୋଇଯାଇଛି। ସମ୍ପ୍ରସାରିତ ଭୂ-ରାଜନୈତିକ ଗୋଷ୍ଠୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିବା ଏହି ଦୁଇଦିନିଆ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧ୍ୟକ୍ଷତା କରିଥିଲେ। ସୁଦୃଢ଼ତା, ସ୍ଥାୟୀତ୍ୱ ଏବଂ ସର୍ବସମାବେଶୀ ବିଶ୍ୱ ଅଭିବୃଦ୍ଧି ବିଷୟବସ୍ତୁ ଉପରେ ଆଧାରିତ ଏହି ସମ୍ମିଳନୀରେ ସର୍ବସମ୍ମତ ନୂଆଦିଲ୍ଲୀ ଘୋଷଣାନାମା ଗୃହୀତ ହେବା ଏକ ବିଶାଳ କୂଟନୈତିକ ଉପଲବ୍ଧି। ଏହି ମିଳିତ ଦଲିଲ ଆର୍ଥିକ ଏକତ୍ରୀକରଣ, ବହୁପାକ୍ଷିକ ଶାସନ ସଂସ୍କାର ଏବଂ ଯୋଗାଣ ଶୃଙ୍ଖଳା ସୁରକ୍ଷା ପାଇଁ ନୂତନ ରୂପରେଖ ନିର୍ଦ୍ଧାରଣ କରିଛି। ପଶ୍ଚିମ ଏସିଆର ଉତ୍ତେଜନା ସମ୍ପର୍କରେ ଏକ ସୂକ୍ଷ୍ମ ବୁଝାମଣା ମାଧ୍ୟମରେ ଜଟିଳ ଭୂ-ରାଜନୈତିକ ମତଭେଦକୁ ସଫଳତାର ସହ ସମାଧାନ କରାଯାଇପାରିଛି।

ଉଦଯାପନୀ ବୈଠକରେ ମୋଦୀ ସମ୍ବୋଧନ କରି 'ଟେକ୍ନୋଲୋଜି ଓ ଜରୁରୀ ଖଣିଜ ପଦାର୍ଥକୁ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଏହାକୁ ଅସ୍ତ୍ର ଭାବେ ବ୍ୟବହାର କରିବା ଦ୍ୱାରା ବିକାଶରେ ବାଧା ଆସିପାରେ। ମୋଦୀ ଆହୁରି କହିଛନ୍ତି ଯେ ଭାରତର ଅଧ୍ୟକ୍ଷତାରେ ଆମେ ୪ଟି ସ୍ତମ୍ଭ ଉପରେ ଧ୍ୟାନ କେନ୍ଦ୍ରିତ କରୁଛୁ। ସେ ଗୁଡ଼ିକ ହେଲା - ନମନୀୟତା, ନବସୃଜନ, ସହଯୋଗ ଓ ସ୍ଥିରତା। ଏଥିପାଇଁ ଖୁସି ଅନୁଭବ ହେଉଛି, ଆପଣମାନଙ୍କ ସମର୍ଥନ ପାଇଁ ଆମ ଚିନ୍ତାଧାରାକୁ ବଦଳାଇ ପାରିଛୁ। ଯେଉଁଥିରେ ସମସ୍ତଙ୍କୁ ଲାଭ ମିଳୁ। ତେବେ ସାରା ବିଶ୍ୱରେ ଦେଖାଯାଉଥିବା ଯୁଦ୍ଧ ସଙ୍କଟ ଯୋଗୁଁ ସାଧାରଣଙ୍କ ଲୋକଙ୍କ ଜୀବନ ଉପରେ କିପରି ପ୍ରଭାବ ପକାଉଛି ତାହାକୁ ନେଇ ଗଭୀର ଚିନ୍ତା ବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସାରା ଦୁନିଆରେ ଉତ୍ତେଜନା ବୃଦ୍ଧି ପାଉଛି। ଯାହାକି ସାଧାରଣ ଲୋକଙ୍କ ଜୀବନ ଉପରେ ଖରାପ ପ୍ରଭାବ ପକାଉଛି। ମହାମାରୀ, ଜଳବାୟୁ ବିପର୍ଯ୍ୟୟ, ଯୋଗାଣ ଶୃଙ୍ଖଳରେ ବାଧା ସାଜୁଛି । ଯାହା ଦର୍ଶାଉଛି ଯେକୌଣସି ସଙ୍କଟ ଗୋଟିଏ ଅଞ୍ଚଳରେ ସୀମିତ ନୁହେଁ। ଏହି ସବୁ ପରିସ୍ଥିତିର ମୁକାବିଲା ପାଇଁ ବ୍ରିକ୍ସ ଦେଶଗୁଡିକୁ ଆହୁରି ଦୃଢ଼ ହେବାକୁ ବିଶେଷ ଧ୍ୟାନ ଦେବାକୁ ପ୍ରଧାନମନ୍ତ୍ରୀ ଅପିଲ୍ କରିଛନ୍ତି। ଯେପରିକି, ଚ୍ୟାଲେଞ୍ଜ ଗୁଡିକକୁ ସମୟ ପୂର୍ବରୁ ଚିହ୍ନିବା, ଆସୁଥିବା ବିପଦଗୁଡ଼ିକ ପାଇଁ ପ୍ରସ୍ତୁତ ରହିବା ଓ ଏହାକୁ କିପରି ରୋକିହେବ ସେଥିପାଇଁ ପଦକ୍ଷେପ ନେବା। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ଅର୍ଲି ୱାର୍ଣ୍ଣିଂ ଡାଟା ଇଣ୍ଟିଗ୍ରେସନ ସିଷ୍ଟମ ପାଇଁ ଗାଇଡଲାଇନ ପ୍ରସ୍ତୁତ କରାଯାଇଛି। ବ୍ରିକ୍ସ ଲଜିଷ୍ଟିକ ସପ୍ଲାଏ ଚେନର ସହଯୋଗରେ ଆମର ସପ୍ଲାଏ ଚେନକୁ ଅଧିକ ବିଶ୍ୱାସଯୋଗ୍ୟ ଓ ମଜଭୁତ ହେବାରେ ସହଯୋଗ କରିବ। ଗ୍ଲୋବାଲ ସାଉଥ ସାମ୍ନାରେ ଆଗକୁ ଆସିବାକୁ ଥିବା ଚ୍ୟାଲେଞ୍ଜଗୁଡ଼ିକ ସହ ଲଢିବା ପାଇଁ ବ୍ରିକ୍ସ ଦେଶ ଏକାଠି କାମ କରିବା ଉଚିତ୍।

ସମ୍ମିଳନୀର ଶେଷ ଦିବସ ମୁକ୍ତ ଅଧିବେଶନରେ ବିଶ୍ୱନେତାଙ୍କ ଏକ ଉଚ୍ଚସ୍ତରୀୟ ସମାବେଶ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବ୍ରିକ୍ସର ମୁଖ୍ୟ ରାଷ୍ଟ୍ରମୁଖ୍ୟମାନେ ଯୋଗଦେଇଥିଲେ, ଯେଉଁଥିରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା, ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତାହ ଅଲ୍-ସିସି, ଇଥିଓପିଆ ପ୍ରଧାନମନ୍ତ୍ରୀ ଆବି ଅହମ୍ମଦ ଅଲ୍ଲୀ ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋୱୋ ସୁବିଆନ୍ତୋ ସାମିଲ ଥିଲେ। ବ୍ରାଜିଲର ପ୍ରତିନିଧିତ୍ୱ ବୈଦେଶିକ ମନ୍ତ୍ରୀ ମୌରୋ ଭିଏରା କରିଥିଲେ।ସମ୍ମିଳନୀରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍, ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର. ମାର୍କୋସ ଜୁନିୟର, କାଜାଖସ୍ତାନ ରାଷ୍ଟ୍ରପତି କାସିମ୍-ଜୋମାର୍ଟ ଟୋକାୟେଭ୍ ଏବଂ ବୁରୁଣ୍ଡି ରାଷ୍ଟ୍ରପତି ଏଭାରିଷ୍ଟ ନଦାୟିସିମିୟେଙ୍କ ସମେତ ପ୍ରମୁଖ ସହଯୋଗୀ ଦେଶର ନେତାମାନଙ୍କୁ ସ୍ୱାଗତ କରାଯାଇଥିଲା। ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ମଧ୍ୟରେ ନାଇଜେରିଆ ଉପରାଷ୍ଟ୍ରପତି କାସିମ୍ ସେଟ୍ଟିମା, ଉଗାଣ୍ଡା ଉପରାଷ୍ଟ୍ରପତି ଜେସିକା ଅଲୁପୋ ଏବଂ ସାଉଦି ଆରବ ବୈଦେଶିକ ମନ୍ତ୍ରୀ ଶେହଜାଦା ଫୈଜଲ ବିନ୍ ଫରହାନ ଅଲ୍ ସାଉଦଙ୍କ ସହ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଉପସ୍ଥିତ ଥିଲେ।

ଶେଷ ଗ୍ରୁପ୍ ଫଟୋ ପୂର୍ବରୁ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ଗ୍ଲୋବାଲ୍ ସାଉଥ୍ ପାଇଁ 'ପିରାମିଡ୍ ଅଫ୍ ପ୍ରିଭିଲେଜ୍' (ବିଶେଷାଧିକାରର ପିରାମିଡ୍)କୁ ଭାଗୀଦାରୀର ମଞ୍ଚରେ ପରିଣତ କରିବାକୁ ଅନ୍ତର୍ଜାତୀୟ ସମୁଦାୟକୁ ଆହ୍ୱାନ ଜଣାଇଥିଲେ। ଏହାସହ ବୈଷୟିକ ଜ୍ଞାନକୌଶଳ ଏବଂ ସଙ୍କଟଜନକ ଖଣିଜ ପଦାର୍ଥର ଅସ୍ତ୍ରୀକରଣ ବିରୋଧରେ ସେ ଚେତାବନୀ ଦେଇଥିଲେ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଗମ୍ଭୀର ବିଶ୍ୱସ୍ତରୀୟ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଏକ ମିଳିତ ସହମତି ସୃଷ୍ଟି କରିବାର କୂଟନୈତିକ ସଫଳତାକୁ ପ୍ରଶଂସା କରିଥିଲେ।

# ଭାରତରେ ଆକ୍ରମଣ ଯୋଜନା କରିଥିଲା ଓସାମା

ନୂଆଦିଲ୍ଲୀ,(ଏଜେନ୍ସି): ଭାରତ ଉପରେ ଆକ୍ରମଣ କରିବାକୁ ଯୋଜନା କରିଥିଲା ଅଲ୍ କଏଦାର ପୂର୍ବତନ ମୁଖ୍ୟ ଓସାମା ବିନ୍ ଲାଡେନ। ଆମେରିକାର କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା (ସିଆଇଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ୨୦୦୧ ମସିହା ସେପ୍ଟେମ୍ବର ୧୧ (୯/୧୧)ରେ ଆମେରିକା ଉପରେ ହୋଇଥିବା ଭୟାନକ ଆତଙ୍କବାଦୀ ଆକ୍ରମଣ ପୂର୍ବରୁ ହିଁ, ଲାଡେନ୍‌ର 'ଅଲ୍-କାଏଦା' ସଂଗଠନ ଭାରତ ଏବଂ ପାକିସ୍ତାନକୁ ସମ୍ଭାବ୍ୟ ଆକ୍ରମଣର ଲକ୍ଷ୍ୟସ୍ଥଳ ଭାବେ ଚିହ୍ନଟ କରିସାରିଥିଲା। ୧୯୯୮ ମସିହାରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ଏକ ଅତି ଗୋପନୀୟ ଦସ୍ତାବିଜରୁ ଏହି ସୂଚନା ମିଳିଛି। ୯/୧୧ ଆକ୍ରମଣର ୨୫ତମ ବାର୍ଷିକୀ ଅବସରରେ ସିଆଇଏ ଦ୍ୱାରା ପ୍ରକାଶିତ ଏକ ବଡ଼ ତଥ୍ୟାବଳୀରୁ ଏହି ଖୁଲାସା ହୋଇଛି। ସେପ୍ଟେମ୍ବର ୧୧ ତାରିଖରେ ସିଆଇଏ ମୋଟ ୭୧ଟି ଗୁଇନ୍ଦା ରିପୋର୍ଟ ସାର୍ବଜନୀନ କରିଥିଲା, ଯାହାକି ୯/୧୧ ଘଟଣାବଳୀ ସମ୍ପର୍କିତ ନଥିପତ୍ରଗୁଡ଼ିକର ସବୁଠାରୁ ବଡ଼ ପ୍ରକାଶନ। ଗତ ଶୁକ୍ରବାର ୯/୧୧ ଆକ୍ରମଣର ୨୫ ବର୍ଷ ପୂର୍ତ୍ତି ଅବସରରେ ସିଆଇଏ ଓସାମା ବିନ୍ ଲାଡେନ ସହିତ ଜଡ଼ିତ ୧୦୦ ପୃଷ୍ଠା ସମ୍ବଳିତ ୭୦ରୁ ଅଧିକ ପ୍ରେସିଡେନ୍‌ସିଆଲ୍ ଇଣ୍ଟେଲିଜେନ୍ସ ବ୍ରିଫ୍ ସାର୍ବଜନୀନ କରିଥିଲା। ସେଥିରୁ ୧୯୯୮ ଅଗଷ୍ଟ ୨୮ ତାରିଖ ବ୍ରିଫ୍‌ରେ ଉଲ୍ଲେଖ ରହିଛି ଯେ ଓସାମା ବିନ୍ ଲାଡେନ ଭାରତ ସମେତ ଅନେକ ଦେଶ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଛି। ଏଥିରେ ଆହୁରି କୁହାଯାଇଛି ଯେ ଭାରତ ସମେତ ଆଉ ଯେଉଁ ଦେଶଗୁଡିକ ଉପରେ ଆକ୍ରମଣ କରିବାକୁ ଓସାମା ଯୋଜନା କରୁଛି, ସେଗୁଡ଼ିକ ହେଉଛନ୍ତି - ପାକିସ୍ତାନ, ଇଜିପ୍ଟ, କୁଏତ, ସାଉଦି ଆରବ, ୟେମେନ, ଉଗାଣ୍ଡା ଓ 'ସମ୍ଭବତଃ' ନାଇଜେରିଆ। 'ବିନ୍ ଲାଡେନ ଟେରୋରିଷ୍ଟ ନେଟୱର୍କ ଷ୍ଟିଲ ଏ ଥ୍ରେଟ' ଶୀର୍ଷକ ଏହି ଦଲିଲରେ ସୂଚନାର ଉତ୍ସକୁ ଗୋପନ ରଖାଯାଇଛି। ଏଥିରେ ଭାରତର କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ଆକ୍ରମଣ କରିବାକୁ ଓସାମା ଲକ୍ଷ୍ୟ ରଖିଥିଲା କି ନାହିଁ ସେ ସଂପର୍କରେ କିଛି ଉଲ୍ଲେଖ ନାହିଁ। ସେହିପରି ତାର ଆକ୍ରମଣ ଯୋଜନା ଉପରେ ଆଉ କିଛି ସୂଚନା ମଧ୍ୟ ଦିଆଯାଇ ନାହିଁ।ଏହି ଦଲିଲରେ ଆହୁରି କୁହାଯାଇଛି ଯେ ଉତ୍ତର ଆମେରିକା, ୟୁରୋପ ଏବଂ ପୂର୍ବ ଏସିଆରେ ବିନ୍ ଲାଡେନର ସୁଦୃଢ଼ ସଂଗଠନ ରହିଛି। ଏଣୁ ଏହି ରିପୋର୍ଟ ଆଧାରରେ ବିଶ୍ୱାସ କରାଯାଉଛି ଯେ ସେ ଏହି ଅଞ୍ଚଳଗୁଡ଼ିକରେ ଆମେରିକୀୟ ସ୍ୱାର୍ଥକୁ ମଧ୍ୟ ଟାର୍ଗେଟ୍ କରିବ। ସିଡିଏ ପକ୍ଷରୁ ଜାରି କରାଯାଇଥିବା ଏହି ପ୍ରେସିଡେନ୍‌ସିଆଲ୍ ଇଣ୍ଟେଲିଜେନ୍ସ ବ୍ରିଫ୍ ଗୁଡିକରୁ ଜଣାପଡ଼ିଛି ଯେ ଆମେରିକା ଉପରେ ଅଲ୍ କଏଦାର ସମ୍ଭାବ୍ୟ ଆକ୍ରମଣ ନେଇ ୧୯୯୮ରୁ ୨୦୦୧ ମଧ୍ୟରେ ସରକାରଙ୍କୁ ଏକାଧିକ ଥର ସତର୍କ କରାଯାଇଛି। ବିଲ୍ କ୍ଲିଣ୍ଟନଙ୍କ ଠାରୁ ଆରମ୍ଭ କରି ଜର୍ଜ ଡବ୍ଲ୍ୟୁ ବୁଶ୍ ପର୍ଯ୍ୟନ୍ତ ସରକାରଙ୍କୁ ଏହି ସତର୍କ ସୂଚନା ଦିଆଯାଇଥିଲା।

ଜାତୀୟ ଚେତନା
JATIYA CHETANA



# ପୁଣିଥରେ ବନ୍ୟା ଜଳ ପ୍ରବେଶ ପରିମାଣର ବୃଦ୍ଧି, ହୀରାକୁଦର ୫ ଗେଟ୍ ଖୋଲା

ଭୁବନେଶ୍ୱର,(ଜା.ପ୍ର): ହୀରାକୁଦ ଜଳଭଣ୍ଡାରର ଉପର ମୁଣ୍ଡରେ ବର୍ଷା ପରିମାଣ ବୃଦ୍ଧି ଯୋଗୁ ଜଳଭଣ୍ଡାରକୁ ପୁଣିଥରେ ବନ୍ୟା ଜଳ ପ୍ରବେଶ ପରିମାଣର ବୃଦ୍ଧି ପାଇଛି। ଏହାସହ ଜଳଭଣ୍ଡାରର ଜଳସ୍ତର ମଧ୍ୟ କ୍ରମଶଃ ବୃଦ୍ଧି ପାଇ ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତାର ନିକଟତର ହୋଇଛି। ତେଣୁ ରବିବାର ପୁଣିଥରେ ହୀରାକୁଦ ଜଳଭଣ୍ଡାରର ୪ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବର୍ତ୍ତମାନ ମୋଟ୍ ୫ଟି ସ୍ଲୁଇସ୍ ଗେଟ ଜରିଆରେ ମହାନଦୀକୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ରବିବାର ଅପରାହ୍ନ ସାଢ଼େ ୧୨ଟା ସମୟରେ ପ୍ରାପ୍ତ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୨୯.୩୧ ଫୁଟ୍ରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୨୫ ହଜାର ୦୯୫ ଘନଫୁଟ ବନ୍ୟା ଜଳ ପ୍ରବେଶ କରୁଛି। ସେହିପରି ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ ୧ ଲକ୍ଷ ୧୬ ହଜାର ୯୭୦ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ଜଳଭଣ୍ଡାରର ବାମ ପାର୍ଶ୍ୱର ୩ ଓ ଦକ୍ଷିଣ ପାର୍ଶ୍ୱର ୨ଟି ମିଶି ମୋଟ ୫ଟି ସ୍ଲୁଇସ୍ ଗେଟ୍ ଜରିଆରେ ୮୧ ହଜାର ୯୨୫ ଘନଫୁଟ, ପାୱାର ଚ୍ୟାନେଲରେ ୩୧,୧୯୭ ଘନଫୁଟ, ବରଗଡ଼ କେନାଲରେ ୩,୦୭୨, ଶାସନ କେନାଲରେ ୪୫୦ ଓ ସମ୍ବଲପୁର କେନାଲରେ ୧୦୫ ଶିଳ୍ପଭିତ୍ତିକ ବ୍ୟବହାର ପାଇଁ ୨୨୧ ଘନଫୁଟ ଜଳ ନିଷ୍କାସିତ ହେଉଛି।

# ମହିଳାଙ୍କୁ ପଥରରେ ଛେଚି ହତ୍ୟା

ଭୁବନେଶ୍ୱର,(ଜା.ପ୍ର): ମହିଳାଙ୍କୁ ପଥରରେ ଛେଚି ନିର୍ମମ ହତ୍ୟା। କଟକ ସିଡିଏ ସେକ୍ଟର ୧୩ ନମ୍ବର ବସ୍ତିରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ମୟୂରଭଞ୍ଜ ରାଇରଙ୍ଗପୁର ଅଞ୍ଚଳର ଫୁଲ କୁମାରୀ। ଫୁଲ ସେକ୍ଟର ୧୨ ଅଞ୍ଚଳରେ ରହି ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। ରବିବାର ମଧ୍ୟାହ୍ନ ସମୟରେ ସେକ୍ଟର ୧୩ ବସ୍ତିରେ ଫୁଲଙ୍କୁ ହତ୍ୟା କରାଯାଇଥିଲା। ଫୁଲଙ୍କ ଝିଅ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହା ପରେ ଘଟଣା ସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ମେଡ଼ିକାଲ ପଠାଇଛନ୍ତି। ଏହି ଘଟଣାରେ ପୁଲିସ ସିଡିଏ ସେକ୍ଟର ୧୨ ବସ୍ତିରେ ରହୁଥିବା ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି ବୋଲି ଜୋନ ୩ ଏସିପି ଅନନ୍ୟା ଆଓ୍ୱସ୍ତି କହିଛନ୍ତି।

# ଆସନ୍ତା ସପ୍ତାହରେ ପୁଣି ଭିଜିବ ଓଡ଼ିଶା

ଭୁବନେଶ୍ୱର,(ଜା.ପ୍ର): ଆସନ୍ତା ସପ୍ତାହରେ ପୁଣି ଥରେ ଭିଜିବ ଓଡ଼ିଶା। ୧୪ରୁ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ଏହି ସମୟ ମଧ୍ୟରେ ବିଭିନ୍ନ ଅଞ୍ଚଳରେ ବର୍ଷାର ସମ୍ଭାବନା ଥିବା ଭାରତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୧୪ ତାରିଖରୁ ରାଜ୍ୟରେ ବର୍ଷାର ପ୍ରଭାବ ଦେଖିବାକୁ ମିଳିବ। ପରବର୍ତ୍ତୀ ଦିନଗୁଡ଼ିକରେ ମଧ୍ୟ ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବା ସମ୍ଭାବନା ରହିଛି। ୧୯ ତାରିଖ ପର୍ଯ୍ୟନ୍ତ ଏହି ବର୍ଷା ପ୍ରକ୍ରିୟା ଜାରି ରହିପାରେ। ପାଣିପାଗରେ ଏଭଳି ପରିବର୍ତ୍ତନ ଯୋଗୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପୁଣି ବର୍ଷା ହେବା ନେଇ ଆକଳନ କରାଯାଇଛି।

## ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଆହ୍ୱାନ

# 'ସେବା ସଂକଳ୍ପ' ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କର

ଭୁବନେଶ୍ୱର,(ଜା.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ ଓ ଜନସେବାରୁ ପ୍ରେରଣା ନେଇ ଦେଶବ୍ୟାପୀ ଭାବେ ଆରମ୍ଭ ହେଉଥିବା 'ସେବା ସଂକଳ୍ପ ଅଭିଯାନ'କୁ ଓଡ଼ିଶାରେ ଏକ ବ୍ୟାପକ ଜନସେବା ଅଭିଯାନରେ ପରିଣତ କରାଯିବ। ସେବାକୁ କେବଳ ଏକ କାର୍ଯ୍ୟକ୍ରମରେ ସୀମିତ ନରଖି ଏହାକୁ ଜନଭାଗିଦାରୀର ଏକ ଆନ୍ଦୋଳନରେ ପରିଣତ କରିବାକୁ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଆହ୍ୱାନ ଦେଇଛନ୍ତି। ଡଃ ମହାପାତ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ ହେଉଛି ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଏକ ଦୀର୍ଘ ଯାତ୍ରା। ଏହି ଯାତ୍ରାରୁ ପ୍ରେରଣା ନେଇ 'ସେବା ସଂକଳ୍ପ' ଅଭିଯାନର ଲକ୍ଷ୍ୟ ହେଉଛି ସମାଜର ପ୍ରତ୍ୟେକ ବର୍ଗ ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜନସେବା ସହ ଯୋଡ଼ିବା। ରାଜନୀତି କେବଳ ନିର୍ବାଚନକୁ କେନ୍ଦ୍ର କରି ନୁହେଁ, ବରଂ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଓ ଆବଶ୍ୟକ ସମୟରେ ଲୋକଙ୍କ ପାଖରେ ଠିଆ ହେବା ହିଁ ପ୍ରକୃତ ଜନସେବା ବୋଲି ସେ କହିଛନ୍ତି। ଓଡ଼ିଶାରେ ଏହି ଅଭିଯାନକୁ ସାଂଗଠନିକ ଜିଲ୍ଲା, ମଣ୍ଡଳ ଓ ବୁଥ୍ ସ୍ତର ପର୍ଯ୍ୟନ୍ତ ନେଇଯିବା ସହ ସମାଜର ଶେଷ ପର୍ଯ୍ୟାୟରେ ଥିବା ଲୋକଙ୍କ ନିକଟରେ ପହଞ୍ଚିବା ଉପରେ ଗୁରୁତ୍ୱ ଦିଆଯିବ। ଜନଜାତି ସମାଜ, ମହିଳା, ଚାଷୀ, ଯୁବକ, ଗରିବ ଓ ବଞ୍ଚିତ ବର୍ଗଙ୍କ ନିକଟକୁ



ଯାଇ ସେମାନଙ୍କ ସମସ୍ୟା ଶୁଣିବା, ସେମାନଙ୍କ ଆବଶ୍ୟକତା ବୁଝିବା ଏବଂ ଯଥାସମ୍ଭବ ସହଯୋଗ କରିବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ରହିବ। ଅଭିଯାନ ଅବସରରେ ରକ୍ତଦାନ ଶିବିର, ସ୍ୱଚ୍ଛତା ଅଭିଯାନ, ଶ୍ରମଦାନ, ବୃକ୍ଷରୋପଣ, ଜନସଚେତନତା ଓ ବିଭିନ୍ନ ସାମାଜିକ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସେବା କେବଳ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସୀମିତ ନରହି ସାଧାରଣ ନାଗରିକଙ୍କୁ ମଧ୍ୟ ଏହାର ସକ୍ରିୟ ଅଂଶୀଦାର କରିବାକୁ ଉଦ୍ୟମ କରାଯିବ। ଡଃ ମହାପାତ୍ର କହିଛନ୍ତି, "ସେବାର ଆକାର ବଡ଼ ହେବା ଆବଶ୍ୟକ ନାହିଁ, ସେବାର ଭାବନା ବଡ଼ ହେବା ଆବଶ୍ୟକ। ଜଣେ ବ୍ୟକ୍ତି ରକ୍ତଦାନ କରି, ଗଛ ଲଗାଇ, ସ୍ୱଚ୍ଛତା କାର୍ଯ୍ୟରେ ଯୋଗଦେଇ କିମ୍ବା ଜଣେ ଆବଶ୍ୟକତା ଥିବା ବ୍ୟକ୍ତିଙ୍କୁ ସରକାରୀ ଯୋଜନାର ଲାଭ ପାଇବାରେ ସହଯୋଗ କରି ମଧ୍ୟ ରାଷ୍ଟ୍ରସେବାରେ ନିଜର ଯୋଗଦାନ ଦେଇପାରିବେ। ଯୁବଶକ୍ତିଙ୍କୁ ଅଭିଯାନର ଏକ ପ୍ରମୁଖ ଅଂଶ କରାଯିବ। ସ୍କୁଲ ଓ କଲେଜ ସ୍ତରରେ ଚିତ୍ରାଙ୍କନ, ଭାଷଣ, ଆଲୋଚନା ଓ ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତା ମାଧ୍ୟମରେ 'ବିକଶିତ ଭାରତ-୨୦୪୭', ରାଷ୍ଟ୍ର ନିର୍ମାଣ, ଜନସେବା ଓ ଯୁବଶକ୍ତି ଭଳି ବିଷୟ ଉପରେ ଯୁବପିଢ଼ିଙ୍କ ଚିନ୍ତନ ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରାଯିବ। ଆଜିର ଯୁବପିଢ଼ି କେବଳ ନିଜର ଭବିଷ୍ୟତ ନୁହେଁ, ଓଡ଼ିଶା ଓ ଭାରତର ଭବିଷ୍ୟତ ଗଢ଼ିବାର ମୁଖ୍ୟ ଶକ୍ତି ବୋଲି ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି। ମହିଳା ସଶକ୍ତୀକରଣ, ଚାଷୀଙ୍କ ସମୃଦ୍ଧି, ଯୁବକଙ୍କ ଦକ୍ଷତା ବିକାଶ, ଗରିବଙ୍କ କଲ୍ୟାଣ ଓ ଜନଜାତି ସମାଜର ଉନ୍ନତିକୁ ମଧ୍ୟ ଏହି ଅଭିଯାନର ସେବାମୂଳକ ଦୃଷ୍ଟିକୋଣ ସହ ଯୋଡ଼ାଯିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ସୁବିଧା ସମାଜର ଶେଷ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବା ନେଇ ଜନସଚେତନତା ଓ ସହଯୋଗମୂଳକ କାର୍ଯ୍ୟକ୍ରମକୁ ଗତିଶୀଳ କରାଯିବ। "ସେବା ସଂକଳ୍ପ ଅଭିଯାନ କେବଳ ଏକ ମାସର କାର୍ଯ୍ୟକ୍ରମ ନୁହେଁ; ଏହା ଏକ ଚିନ୍ତାଧାରା, ଏକ ଦାୟିତ୍ୱ ଓ ଏକ ଦୀର୍ଘକାଳୀନ ସଂକଳ୍ପ। ସେବାରୁ ସମୃଦ୍ଧି, ସଂକଳ୍ପରୁ ବିକାଶ ଏବଂ ଜନଭାଗିଦାରୀରୁ ବିକଶିତ ଓଡ଼ିଶା—ଏହା ଆମର ଲକ୍ଷ୍ୟ," ଡଃ ମହାପାତ୍ର କହିଛନ୍ତି।

# ପିଏମଶ୍ରୀ ବିଦ୍ୟାଳୟରେ ସୁଦୃଢ଼ ହେବ ଧନ୍ଦାମୂଳକ ଶିକ୍ଷା



ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକରଣ ପ୍ରାଧିକରଣ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟାବହାରିକ ଏବଂ କ୍ଷେତ୍ର-ଭିତ୍ତିକ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବା ପାଇଁ ଶନିବାର ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରାଯାଇଛି। ଓଡ଼ିଶାର ୨୦ଟି ଜିଲ୍ଲାର ୨୬ଟି ପିଏମ୍ ଶ୍ରୀ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ 'ଡୁଆଲ୍ ମୋଡ୍ ଭୋକେସନାଲ୍ ଏଜୁକେସନ' କାର୍ଯ୍ୟକ୍ରମର ଆରମ୍ଭ ନିମନ୍ତେ ଭୁବନେଶ୍ୱରସ୍ଥିତ ଓୟୁଏଟି ସମ୍ମିଳନୀ କକ୍ଷରେ ଏକ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଏସପି ଏସଟି ଶିକ୍ଷା ସଂଯୋଜକ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ସ୍କିମ୍) ଆଭାସୀ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସଙ୍ଗୀତା ବେହେରା ଏବଂ ଓୟୁଏଟି ଏକ୍ସଟେନସନ ଶିକ୍ଷା ବିଭାଗର ଡିନ୍ ପ୍ରଫେସର ସୁଶାନ୍ତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓଡ଼ିଶାରେ ଧନ୍ଦାମୂଳକ ଶିକ୍ଷାର ସୁଦୃଢ଼ୀକରଣ ଉପରେ ଆଲୋକପାତ କରିବା ସହ ସାଧାରଣ ଶ୍ରେଣୀଗୃହ ଶିକ୍ଷା ବାହାରେ ଛାତ୍ରଛାତ୍ରୀଙ୍କୁ ଅର୍ଥପୂର୍ଣ୍ଣ ଶିକ୍ଷାଦାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଓସେପା ଏବଂ ଓୟୁଏଟିର ଏହି ସହଭାଗିତା କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ପ୍ରାକ୍ଟିକାଲ୍ ଶିକ୍ଷା, ଦକ୍ଷତା ବିକାଶ ଏବଂ କ୍ୟାରିୟର ଗଠନ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ପ୍ରଫେସର ସ୍ୱାଇଁ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଓୟୁଏଟି ଏବଂ ଏହାର କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକ ମାଧ୍ୟମରେ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇଦେବାକୁ ଆଶ୍ୱାସନା ଦେଇଥିଲେ। ଚଳିତ ଶିକ୍ଷାବର୍ଷରୁ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ବ୍ୟାବହାରିକ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବା ପାଇଁ ଓସେପା ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହି ଚୁକ୍ତିନାମା ଅଧୀନରେ ୨୬ଟି ସରକାରୀ ଉଚ୍ଚ ବିଦ୍ୟାଳୟକୁ ଡୁଆଲ୍ ମୋଡ୍ ଭୋକେସନାଲ୍ ଏଜୁକେସନ ପାଇଁ ଓୟୁଏଟି, ଭୁବନେଶ୍ୱର ଏବଂ ନିର୍ଦ୍ଦିଷ୍ଟ କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକ ସହିତ ଆନୁଷ୍ଠାନିକ ଭାବେ ଯୋଡ଼ାଯାଇଛି। ଏହି ଯୋଜନା ଦ୍ୱାରା ଛାତ୍ରଛାତ୍ରୀମାନେ ଙ୍ଗଟଇଞ୍ଜର ପରୀକ୍ଷାଗାର, କୃଷି ଫାର୍ମ, ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ଏବଂ କୃଷି, ପଶୁପାଳନ, ଉଦ୍ୟାନ କୃଷି ଭଳି କ୍ଷେତ୍ରରେ କାର୍ଯ୍ୟରତ ବିଶେଷଜ୍ଞଙ୍କ ବୈଷୟିକ ସହାୟତା ପାଇପାରିବେ। ଏହି ଅନୁଭୂତି ଛାତ୍ରଛାତ୍ରୀମାନଙ୍କୁ ପ୍ରକୃତ କାର୍ଯ୍ୟ ପରିବେଶ ବୁଝିବାରେ ଏବଂ ସ୍କୁଲରେ ଶିଖୁଥିବା ଦକ୍ଷତାକୁ କାର୍ଯ୍ୟରେ ଲଗାଇବାରେ ସାହାଯ୍ୟ କରିବ। ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ସହ ଜଡ଼ିତ ଧନ୍ଦାମୂଳକ କାର୍ଯ୍ୟ ପାଇଁ ସଂରଚିତ ବ୍ୟାବହାରିକ ତାଲିମ ଏବଂ କ୍ଷେତ୍ର ପରିଦର୍ଶନ ସୁଯୋଗ ପାଇବେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି ଶ୍ରେଣୀଗୃହ ଶିକ୍ଷା ଏବଂ ପ୍ରାକ୍ଟିକାଲ୍ କାର୍ଯ୍ୟ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ସହ ଜାତୀୟ ଦକ୍ଷତା ଯୋଗ୍ୟତା ଢାଞ୍ଚା ଅନୁଯାୟୀ ଦକ୍ଷତା ବୃଦ୍ଧି କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ରୋଜଗାର, ଉଦ୍ୟୋଗୀତା ଏବଂ କ୍ୟାରିୟର ପ୍ରସ୍ତୁତିକୁ ସୁଦୃଢ଼ କରିବା। ଏହି ୨୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ୬ଟି ଧନ୍ଦାମୂଳକ ବିଷୟରେ ତାଲିମ ଦିଆଯିବ। ସମ୍ପୃକ୍ତ ଜିଲ୍ଲାର କୃଷି କ୍ଷେତ୍ରର ସାମର୍ଥ୍ୟ, ସ୍ଥାନୀୟ ସମ୍ବଳ ଏବଂ ଜୀବିକା ସୁଯୋଗକୁ ଦୃଷ୍ଟିରେ ରଖି ଏହି କ୍ଷେତ୍ରଗୁଡ଼ିକୁ ଚୟନ କରାଯାଇଛି। ଓସେପାର ଉପ-ନିର୍ଦ୍ଦେଶକ (ଧନ୍ଦାମୂଳକ ଶିକ୍ଷା) ତନ୍ମୟ କୁମାର ବେହେରା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, କାର୍ଯ୍ୟକାରିତା ଏବଂ ଆଶାତୀତ ଫଳାଫଳ ବିଷୟରେ ଆଲୋଚନା କରିଥିଲେ। ଓୟୁଏଟି ଏକ୍ସଟେନସନ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସର୍ବାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଇ-ଚାଲାଣ ପୋର୍ଟାଲ ଓଡ଼ିଆରେ କେବେ ?

ଭୁବନେଶ୍ୱର,(ଜା.ପ୍ର): ଇ-ଚାଲାଣ ପୋର୍ଟାଲରେ ଓଡ଼ିଆ ଭାଷା କେବେ? ନିଜ ନିଜର ଜୋରିମାନା ପଇଠ ପାଇଁ ଏହି ପୋର୍ଟାଲର ସହାୟତା ନେଉଥିବା ଓଡ଼ିଶାର ଗାଡ଼ିଚାଳକମାନେ ଏହି ପ୍ରଶ୍ନ କରୁଛନ୍ତି। ଉକ୍ତ କେନ୍ଦ୍ରୀୟ ପୋର୍ଟାଲରେ ଏବେ ଇଂରାଜୀ ସହିତ ହିନ୍ଦୀ, ମରାଠୀ ଓ ମାଲାୟାଲାମ ଭଳି ଭାଷା ଉପଲବ୍ଧ ହୋଇସାରିଲାଣି। ରାଜ୍ୟରେ ଏବେ ଗାଡ଼ି ଚାଳକମାନେ ପ୍ରତିଦିନ ଜୋରିମାନାର ସମ୍ମୁଖୀନ ହେଉଛନ୍ତି। କାହାର ଦ୍ରୁତ ଗତି ପାଇଁ ଚାଲାଣ କଟୁଛି ତ ଆଉ କାହାର ହେଲମେଟ୍ ନଥିବା ଯୋଗୁଁ। ଟ୍ରାଫିକ ନିୟମ ଉଲ୍ଲଙ୍ଘନ ସହିତ ବୀମା, ପ୍ରଦୂଷଣ ପ୍ରମାଣପତ୍ର, ଡ୍ରାଇଭିଂ ଲାଇସେନ୍ସ ଆଦି ନଥିବା ଗାଡ଼ି ଓ ଚାଳକଙ୍କ ଉପରେ ବି ପରିବହନ ବିଭାଗ ଓ ପୁଲିସ୍ ଜୋରିମାନା ଠୁକୁଛନ୍ତି। ଏପରିକି ରାସ୍ତାଘାଟରେ ଟ୍ରାଫିକ ପୁଲିସ୍ କର୍ମଚାରୀମାନେ ନିଜ ନିଜ ମୋବାଇଲରେ ଫଟୋ ଉଠାଇ ଗାଡ଼ିମାଲିକଙ୍କ ଠାରୁ ଜୋରିମାନା ଆଦାୟ କରୁଛନ୍ତି। ପ୍ରତ୍ୟେକ ଦିନ କେତେ ଜୋରିମାନା କାହାଠାରୁ ଆଦାୟ ହେଉଛି ପରିବହନ ବିଭାଗ ବି ଗର୍ବର ସହିତ ତାହାର ତାଲିକା ପ୍ରଦାନ କରୁଛି। ଏହି ଜୋରିମାନା ପଇଠ ପାଇଁ ଲୋକଙ୍କୁ ଇ-ଚାଲାଣ ପୋର୍ଟାଲର ସହାୟତା ନେବାକୁ ବି ପରାମର୍ଶ ଦିଆଯାଉଛି। ପୋର୍ଟାଲ ଜରିଆରେ ନିଜ ନିଜର ଅର୍ଥ ପଇଠ କରାଯାଇ ପାରିବ। ହେଲେ ପୋର୍ଟାଲ ଖୋଲିଲା ବେଳକୁ ସେଥିରେ ଚାରି ୪ଟି ଭାଷା ଥିବାବେଳେ ଓଡ଼ିଆ ଭାଷା ନାହିଁ। ବିଶେଷଜ୍ଞମାନଙ୍କ ମତରେ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା କଥା। ରାଜ୍ୟ ସରକାର ନିଜସ୍ୱ ଭାଷାରେ ପୋର୍ଟାଲର ଅନୁବାଦ କରି କେନ୍ଦ୍ର ସରକାରଙ୍କୁ ପ୍ରଦାନ କଲେ ଇଚାଲାଣ ପୋର୍ଟାଲରେ ଓଡ଼ିଆ ଭାଷା ଉପଲବ୍ଧ ହୋଇପାରିବ। ଯେଉଁ ରାଜ୍ୟ ସରକାରମାନେ ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି ସେହି ରାଜ୍ୟର ଭାଷା ଏଠାରେ ଦେଖିବାକୁ ମିଳୁଛି। ସେହିଭଳି ପରିବହନ ବିଭାଗ ପ୍ରତିଦିନ ଲକ୍ଷାଧିକ ଟଙ୍କାର ଜୋରିମାନା ଆଦାୟର ତାଲିକା ପ୍ରକାଶ କରୁଥିବାବେଳେ ରାଜ୍ୟର ଯାନବାହାନ ଚାଳକମାନେ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ସଂକ୍ରାନ୍ତରେ ପଦୁଟିଏ ହେଲେ କହୁନାହିଁ କିମ୍ବା ଏହାର ସମାଧାନ କରୁନାହିଁ। ରାସ୍ତାରେ ଟ୍ରାଫିକ ଭିଡ ଠାରୁ ଆରମ୍ଭ କରି ରାସ୍ତାସାରା ଖାଲଖମା, ପରିବହନ ଦପ୍ତରରେ ଦଲାଲମାନଙ୍କ ଦୌରାତ୍ମ୍ୟ ଆଦି ଯୋଗୁଁ ଗାଡ଼ିଚାଳକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ଗାଡ଼ି ବିକ୍ରେତାମାନେ ଗ୍ରାହକମାନଙ୍କୁ ବିଭିନ୍ନ ଭାବରେ ଠକିବାରେ ଲାଗିଛନ୍ତି। ବିଶେଷକରି ନୂଆ ଗାଡ଼ି ସହିତ ଯେଉଁସବୁ ସାମଗ୍ରୀ କମ୍ପାନୀ ଯୋଗାଇ ଦେଉଛି ସେଗୁଡ଼ିକ ପାଇଁ ବିତରକମାନେ ଅର୍ଥ ଆଦାୟ କରୁଛନ୍ତି। ପରିବହନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ କେବେ ହେଲେ କୌଣସି ଗାଡ଼ି ବିକ୍ରୟ ସୋରୁମ୍‌ରେ ଯାଞ୍ଚ କରାଯିବାର ନଜିର ନାହିଁ। ଜୋରିମାନା ଆଦାୟରେ ପରିବହନ ବିଭାଗ ଯେଭଳି ତତ୍ପରତା ପ୍ରଦର୍ଶନ କରୁଛି ଗାଡ଼ିଚାଳକମାନଙ୍କ ସ୍ୱାର୍ଥର ସୁରକ୍ଷାପାଇଁ ସେଭଳି କରିବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ଜାତୀୟ ଚେତନା
JATIYA CHETANA

## ଭୂ-ରାଜନୀତିର ବଦଳୁଥିବା ସମୀକରଣ

ଗତ ପଚିଶ ବର୍ଷ ମଧ୍ୟରେ ବିଶ୍ୱର ଭୂ-ରାଜନୈତିକ ସ୍ଥିତି ଓ ଶକ୍ତି ସନ୍ତୁଳନରେ ଏକ ବଡ଼ ଧରଣର ପରିବର୍ତ୍ତନ ଘଟିଛି। ନୂତନ ସହସ୍ରାବ୍ଦୀର ପ୍ରାରମ୍ଭରେ ଆମେରିକା ଓ ରୁଷିଆରେ କ୍ଷମତା ପରିବର୍ତ୍ତନ ପରେ ୨୦୦୧ ସେପ୍ଟେମ୍ବର ୧୧ରେ ଆମେରିକା ଉପରେ ହୋଇଥିବା ଅଭୂତପୂର୍ବ ଆତଙ୍କବାଦୀ ଆକ୍ରମଣ ସମଗ୍ର ବିଶ୍ୱର ଗତିପଥକୁ ବଦଳାଇ ଦେଇଥିଲା। ଏହି ଘଟଣା ଆମେରିକା ଓ ରୁଷିଆ ସମେତ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଭାବେ ଉଭା ହେଉଥିବା ଚୀନର ବୈଦେଶିକ ନୀତିକୁ ନୂଆ ରୂପ ଦେବା ସହ ଏକ ବିଭାଜିତ ଭୂ-ରାଜନୈତିକ ବ୍ୟବସ୍ଥାର ସୂତ୍ରପାତ କରିଥିଲା। ଆକ୍ରମଣ ପରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ ଜାତୀୟ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ୧୯୪୫ ପରଠାରୁ ଚାଲିଆସିଥିବା ଆନ୍ତର୍ଜାତୀୟ ନେତୃତ୍ୱର ମାପଦଣ୍ଡକୁ ତ୍ୟାଗ କରିଥିଲେ। ଆମେରିକା ଆଣ୍ଟି-ବ୍ୟାଲିଷ୍ଟିକ୍ ମିସାଇଲ ଚୁକ୍ତିରୁ ଓହରିଯାଇ ଆଲାସ୍କା, କାଲିଫର୍ନିଆ ଏବଂ ପୋଲାଣ୍ଡରେ ମିସାଇଲ ପ୍ରତିରୋଧ ବ୍ୟବସ୍ଥା ମୁତୟନ କରିବାକୁ ଯୋଜନା କରିବା ଫଳରେ ରୁଷିଆ ଅସନ୍ତୁଷ୍ଟ ହୋଇ ଷ୍ଟ୍ରାଟେଜିକ ଆର୍ମ୍ସ ରିଡକ୍ସନ ଚୁକ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲା। ଏହାସହ ଆମେରିକାର ଆଫଗାନିସ୍ତାନ ଓ ଜାତିସଂଘର ଅନୁମତି ବିନା ଇରାକ ଉପରେ ଆକ୍ରମଣ ୟୁରୋପୀୟ ସଂଘ ମଧ୍ୟରେ ଗଭୀର ମତଭେଦ ସୃଷ୍ଟି କରିବା ସହ ନାଟୋ ବିସ୍ତାରର ପ୍ରତିଶ୍ରୁତି କ୍ରେମଲିନ ମନରେ ଆଶଙ୍କା ଜାଗ୍ରତ କରିଥିଲା। ଅପରପକ୍ଷରେ, ୨୦୦୦ ମସିହାରେ ରୁଷିଆର ରାଷ୍ଟ୍ରପତି ଭାବେ କ୍ଷମତାସୀନ ହୋଇଥିବା ଭ୍ଲାଡିମିର ପୁଟିନ ପ୍ରାରମ୍ଭରେ ପାଶ୍ଚାତ୍ୟ ଦେଶଗୁଡ଼ିକ ପ୍ରତି ସହାନୁଭୂତି ଦେଖାଇଥିଲେ ମଧ୍ୟ କ୍ରମଶଃ ଆମେରିକାର ଏକପାଖିଆ ନୀତି ଯୋଗୁଁ କୋଣଠେସା ହୋଇ ଜାତୀୟତାବାଦୀ ଓ ଏକଛତ୍ରବାଦୀ ଆଭିମୁଖ୍ୟ ଆପଣାଇଥିଲେ। ରୁଷିଆର ବେସରକାରୀ ଶକ୍ତି ସଂସ୍ଥା 'ୟୁକୋସ'କୁ ନିଜ ନିୟନ୍ତ୍ରଣକୁ ନେବା, ବିରୋଧୀଙ୍କୁ ଜେଲ ପଠାଇବା ଏବଂ ୨୦୦୭ ମ୍ୟୁନିକ ସୁରକ୍ଷା ସମ୍ମିଳନୀରେ ପାଶ୍ଚାତ୍ୟର ଦୋମୁହାଁ ନୀତିକୁ ସମାଲୋଚନା କରିବା ପୁଟିନଙ୍କ ବଦଳୁଥିବା ରଣନୀତିର ସଙ୍କେତ ଥିଲା। ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ମଧ୍ୟରେ ରୁଷିଆ ଜର୍ଜିଆ ଉପରେ ଆକ୍ରମଣ କରି ନିଜର ଆକ୍ରାମକ ନୀତିର ପରିଚୟ ଦେଇଥିଲା ଏବଂ ଚୀନ ଆଡ଼କୁ ଅଧିକ ଢଳିବାକୁ ଲାଗିଥିଲା। ଏହି ସମୟରେ ଏସିଆରେ ଚୀନର ଆବିର୍ଭାବ ବିଶ୍ୱ ରାଜନୀତିରେ ସବୁଠାରୁ ବଡ଼ ପରିବର୍ତ୍ତନ ଆଣିଥିଲା। ୨୦୦୧ରେ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ରେ ଯୋଗଦେବା ପରେ ପାଶ୍ଚାତ୍ୟ ଦେଶଗୁଡ଼ିକ ଆଶା କରିଥିଲେ ଯେ ଚୀନ ଉଦାରବାଦୀ ପୁଞ୍ଜିବାଦ ଆଡ଼କୁ ମୁହାଁଇବ; କିନ୍ତୁ ଚୀନ ନିଜର ରାଷ୍ଟ୍ରାୟତ୍ତ ପୁଞ୍ଜିବାଦକୁ ଏକ ଶକ୍ତିଶାଳୀ ଭୂ-ରାଜନୈତିକ ଅସ୍ତ୍ରରେ ପରିଣତ କଲା।

୨୦୧୨ରେ ଶି ଜିନପିଙ୍ଗ ଚୀନର ଶାସନ ଭାର ଗ୍ରହଣ କରିବା ପରେ କ୍ଷମତାର ଅଭୁତପୂର୍ବ କେନ୍ଦ୍ରୀକରଣ ଘଟିଲା। ରାଷ୍ଟ୍ରପତି ପଦର ସମୟସୀମା ଉଚ୍ଛେଦ କରିବା ସହ ନାଗରିକ, ବ୍ୟବସାୟୀ ଓ ଶୈକ୍ଷିକ ଜୀବନକୁ ପାଶ୍ଚାତ୍ୟ ବିଶ୍ୱଠାରୁ ପୃଥକ କରିବା ପାଇଁ ହ୍ୱାଟ୍ସଆପ୍ ଓ ସ୍କାଇପ୍ ଭଳି ମାଧ୍ୟମକୁ ନିଷିଦ୍ଧ କରାଗଲା। ଚୀନର ଏହି ଅର୍ଥନୈତିକ ଓ ସାମରିକ ନିୟନ୍ତ୍ରଣବାଦର ମୁକାବିଲା କରିବାରେ ପାଶ୍ଚାତ୍ୟ ମଡେଲ ବାରମ୍ବାର ବିଫଳ ହୋଇଛି। ସେପ୍ଟେମ୍ବର ୧୧ ପରବର୍ତ୍ତୀ ସମୟରେ ପ୍ରମୁଖ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ସୁରକ୍ଷା ଓ କ୍ଷମତାର ସଂକୀର୍ଣ୍ଣ ବିଚାରଧାରା ମଧ୍ୟରେ ସୀମାବଦ୍ଧ ହୋଇରହିବାରୁ ଆମେରିକା କ୍ଷମତାପ୍ରଧାନ ନୀତି, ରୁଷିଆ ଯୁଦ୍ଧଖୋର ମନୋଭାବ ଏବଂ ଚୀନ ଅର୍ଥନୈତିକ ନିୟନ୍ତ୍ରଣକୁ ଆଧାର କରି ନିଜର ଦବଦବା ବଜାୟ ରଖିଛନ୍ତି। ଏଭଳି ସ୍ଥିତିରେ ୟୁରୋପୀୟ ଦେଶଗୁଡ଼ିକ କେବଳ ଆମେରିକା ଉପରେ ନିର୍ଭର ନକରି ଆତ୍ମନିର୍ଭରଶୀଳ ସାମରିକ ବାହିନୀ ଗଠନ ଓ ଅର୍ଥନୀତିର ସୁରକ୍ଷା ପାଇଁ ନୂତନ ରଣନୀତି ପ୍ରସ୍ତୁତ କରିବାକୁ ବାଧ୍ୟ ହେଉଛନ୍ତି। ସାମ୍ପ୍ରତିକ ଭୂ-ରାଜନୈତିକ ପରିସ୍ଥିତିକୁ ନିରୀକ୍ଷଣ କଲେ ସ୍ପଷ୍ଟ ଜଣାପଡ଼େ ଯେ ଏକ-ପାଖିଆ ପ୍ରଭୁତ୍ୱର ଯୁଗ ଶେଷ ହୋଇ ଏବେ ବହୁ-ମେରୁବିଶିଷ୍ଟ ବିଶ୍ୱ ବ୍ୟବସ୍ଥାର ଆରମ୍ଭ ହୋଇଛି। ଆମେରିକାର ସାମରିକ ଆଭିମୁଖ୍ୟ, ରୁଷିଆର ଆକ୍ରାମକ ନୀତି ଏବଂ ଚୀନର ଅର୍ଥନୈତିକ ବଳୟ ବିଶ୍ୱରେ ଏକ ଅସ୍ଥିରତା ସୃଷ୍ଟି କରିଛି। ଏହି ବଡ଼ ଶକ୍ତିଗୁଡ଼ିକ ମଧ୍ୟରେ ବୃଦ୍ଧି ପାଉଥିବା ପ୍ରତିଯୋଗିତା ଅନ୍ତର୍ଜାତୀୟ ନିୟମ ଓ ସୁରକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିଦେଇଛି। ଏଭଳି ପରିସ୍ଥିତିରେ ବିଶ୍ୱର ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ନିଜର ସାର୍ବଭୌମତ୍ୱ ଓ ଅର୍ଥନୈତିକ ସ୍ୱାର୍ଥ ରକ୍ଷା ପାଇଁ କୌଣସି ଗୋଟିଏ ଗୋଷ୍ଠୀ ଉପରେ ନିର୍ଭର ନକରି ସ୍ୱଚ୍ଛନ୍ଦ ଓ ସନ୍ତୁଳିତ ବୈଦେଶିକ ନୀତି ଆପଣାଉଛନ୍ତି। ଏହି ନୂତନ ମେରୁକରଣ ଆଗାମୀ ଦିନରେ ବିଶ୍ୱ ଶାନ୍ତି, ଅନ୍ତର୍ଜାତୀୟ ବାଣିଜ୍ୟ ଏବଂ ଆଞ୍ଚଳିକ ସ୍ଥିରତା କ୍ଷେତ୍ରରେ ଏକ ଅତ୍ୟନ୍ତ ନିର୍ଣ୍ଣାୟକ ମୋଡ଼ ନେବ ବୋଲି ସ୍ପଷ୍ଟ ବାରିହୋଇପଡୁଛି।

ଏହି ବଦଳୁଥିବା ବିଶ୍ୱ ପରିପ୍ରେକ୍ଷୀରେ ପ୍ରଯୁକ୍ତିବିଦ୍ୟା, ବିଶେଷ କରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ସାଇବର୍ କ୍ଷମତା, ଜାତୀୟ ସୁରକ୍ଷାର ଏକ ପ୍ରମୁଖ ଅସ୍ତ୍ର ଭାବେ ଉଭା ହୋଇଛି। ପ୍ରାମ୍ପ୍ରଦାୟିକ ସାମରିକ ଶକ୍ତି ପ୍ରଦର୍ଶନ ଅପେକ୍ଷା ଆଜି ଅର୍ଥନୈତିକ ଅବରୋଧ, ଶକ୍ତି ଯୋଗାଣରେ ନିୟନ୍ତ୍ରଣ ଏବଂ ସାଇବର ଆକ୍ରମଣ ମାଧ୍ୟମରେ ଅନ୍ୟ ଦେଶକୁ କୋଣଠେସା କରିବାର ପ୍ରବୃତ୍ତି ବୃଦ୍ଧି ପାଉଛି। ଏପରି ସ୍ଥିତିରେ ଗ୍ଲୋବାଲ୍ ସାଉଥ୍ ବା ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଶକ୍ତିଶାଳୀ ଦେଶମାନଙ୍କର ଏହି ପ୍ରତିଯୋଗିତାରେ ବଳି ନପଡ଼ି ନିଜର ସ୍ୱାର୍ଥ ରକ୍ଷା ପାଇଁ ନୂତନ ଜୋଟମୁକ୍ତ ଏବଂ ସ୍ୱାଧୀନ ନୀତିକୁ ଆପଣାଉଛନ୍ତି।

# ଭାରତର ପ୍ରାକୃତିକ ବିପର୍ଯ୍ୟୟ ବିପଦ

ରାଜୀବ ଲୋଚନ ବେହେରା

ଭାରତରେ ଜଳବାୟୁ ପରିବର୍ତ୍ତନର ଭୟାବହ ପ୍ରଭାବ ଏବଂ ଏହାର ଆଶଙ୍କାକୁ ନେଇ ଦେଶର ଦୁଇ ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ଆଇଆଇଟି ମଣ୍ଡି ଏବଂ ଆଇଆଇଟି ଗୌହାଟୀ ପକ୍ଷରୁ ଏକ ମିଳିତ ଗବେଷଣାତ୍ମକ ଅନୁଧ୍ୟାନ ସାମ୍ନାକୁ ଆସିଛି। ସାରା ଦେଶର ପ୍ରାୟ ୬୦୦ଟି ଜିଲ୍ଲାକୁ ଆଧାର କରି କରାଯାଇଥିବା ଏହି ବ୍ୟାପକ ଅନୁଶୀଳନରେ ଆଇପିସିସି ଫ୍ରେମୱାର୍କ ବ୍ୟବହାର କରାଯାଇ ବନ୍ୟା ଓ ମରୁଡ଼ି ବିପଦର ମ୍ୟାପିଂ କରାଯାଇଛି। ଏହି ଗବେଷଣା ରିପୋର୍ଟ ଅନୁସାରେ ଦେଶର ୧୧୮ଟି ବନ୍ୟାପ୍ରବଣ ଜିଲ୍ଲା ମଧ୍ୟରୁ ୫୧ଟି ଅତି ବନ୍ୟାପ୍ରବଣ ଏବଂ ୧୮୮ଟି ମରୁଡ଼ିପ୍ରବଣ ଜିଲ୍ଲା ମଧ୍ୟରୁ ୯୧ଟି ଅତି ମରୁଡ଼ିପ୍ରବଣ ଭାବେ ଚିହ୍ନଟ ହୋଇଛନ୍ତି। ଏହି ଅତି ବିପର୍ଯ୍ୟୟପ୍ରବଣ ଜିଲ୍ଲାଗୁଡ଼ିକ ମଧ୍ୟରେ ଓଡ଼ିଶାର କେନ୍ଦ୍ରାପଡ଼ା ଏବଂ କେରଳର ଆଲପୁଝା ଶୀର୍ଷରେ ରହିଛନ୍ତି। ବିଶେଷ କରି ଝାଡ଼ଖଣ୍ଡ, ଓଡ଼ିଶା, ଆସାମ, ବିହାର ଏବଂ ମହାରାଷ୍ଟ୍ର ଭଳି ରାଜ୍ୟଗୁଡ଼ିକରେ ସର୍ବାଧିକ ସଂଖ୍ୟକ ବିପର୍ଯ୍ୟୟପ୍ରବଣ ଜିଲ୍ଲା ରହିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି।

ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକର ତ୍ରିକୋଣଭୂମିର ନିମ୍ନ ଭାଗରେ ଅବସ୍ଥିତ ହୋଇଥିବାରୁ ଏବଂ ଏକ ଦୀର୍ଘ ଭୂଭାଗ ସମୁଦ୍ର ସଂଲଗ୍ନ ଥିବାରୁ ଓଡ଼ିଶାର କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା ପୁରୀ, ଭଦ୍ରକ କିମ୍ବା ଗଞ୍ଜାମ ତୁଳନାରେ ଅଧିକ ବାତ୍ୟା ଓ ବନ୍ୟାପ୍ରବଣ ହୋଇରହିଛି। କେନ୍ଦ୍ରାପଡ଼ାର ସାମାଜିକ ଓ ଅର୍ଥନୈତିକ ଇତିହାସ ପ୍ରାକୃତିକ ବିପତ୍ତି ଦ୍ୱାରା ବାରମ୍ବାର କ୍ଷତିଗ୍ରସ୍ତ ହୋଇଛି। ୧୭୭୦, ୧୭୮୦, ୧୭୯୨, ୧୭୯୩, ୧୮୦୩, ୧୮୬୬ ଏବଂ ୧୮୮୫ ମସିହାରେ ଏହି ଜିଲ୍ଲା ଉତ୍କଟ ମରୁଡ଼ିର ସାମ୍ନା କରିଥିଲା। ୧୮୬୬ର ପ୍ରଳୟଙ୍କରୀ ନଅଙ୍କ ଦୁର୍ଭିକ୍ଷରେ କେନ୍ଦ୍ରାପଡ଼ାର ପ୍ରାୟ ଏକ-ତୃତୀୟାଂଶ ଜନସଂଖ୍ୟା ମୃତ୍ୟୁବରଣ କରିଥିବା ବେଳେ ୧୮୮୫ର ଭୟାବହ ବାତ୍ୟାରେ ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା ଓ ୧୧ଟି ଗ୍ରାମ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିଲା। ସେହିପରି ୧୯୨୨-୨୩ର ବନ୍ୟା ବିପତ୍ତିରେ ପ୍ରତି ୧୦୦ ଜଣରେ ୩୫ ଜଣ ପ୍ରାଣ ହରାଇଥିଲେ। ୧୯୯୯ ମହାବାତ୍ୟା ପୂର୍ବରୁ ୭୨ ବର୍ଷ ମଧ୍ୟରେ ଏହି ଅଞ୍ଚଳ ୪୨ଟି ବନ୍ୟା ଓ ବାତ୍ୟାର ସାମ୍ନା କରିସାରିଥିଲା। ୧୯୯୯ ମହାବାତ୍ୟାରୁ ଶିକ୍ଷା ନେଇ ଓଡ଼ିଶା ଯେଉଁ ବିପର୍ଯ୍ୟୟ ପ୍ରଶମନ ମଡେଲ ବିକଶିତ କରିଛି, ତାହା ଆଜି ବିଶ୍ୱସ୍ତରରେ ଆଦର୍ଶ ସାଜିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅତିବୃଷ୍ଟି, ଅନିୟମିତ ବର୍ଷା, ବନ୍ୟା ଓ ମରୁଡ଼ି କେନ୍ଦ୍ରାପଡ଼ା ପାଇଁ ଏକ ନିୟମିତ ସମସ୍ୟାରେ ପରିଣତ ହୋଇଛି, ଯାହା ସ୍ଥାନୀୟ ଲୋକଙ୍କ ଜୀବିକା, ବାସସ୍ଥାନ ଓ ଖାଦ୍ୟ ସୁରକ୍ଷା ପ୍ରତି ଗମ୍ଭୀର ଆହ୍ୱାନ ସୃଷ୍ଟି କରିବା ସହ ବ୍ୟାପକ ଶ୍ରମିକ ସ୍ଥାନାନ୍ତରଣର କାରଣ ସାଜିଛି। ଏହି ପରିପ୍ରେକ୍ଷୀରେ ଆଇଆଇଟି ରିପୋର୍ଟରେ କେନ୍ଦ୍ରାପଡ଼ା, ଆଲପୁଝା, ପାଟନା ସମେତ ଦେଶର ୧୧ଟି ଅତି ବିପର୍ଯ୍ୟୟପ୍ରବଣ ଜିଲ୍ଲା ପାଇଁ ବୈଜ୍ଞାନିକ ଓ ସ୍ଥାୟୀ ପ୍ରତିକାର ପ୍ରସ୍ତାବ ଦିଆଯାଇଛି। ଏଥିମଧ୍ୟରେ ସମୁଦ୍ର କୂଳରେ ହେନ୍ତାଳ ବନ (ମ୍ୟାଙ୍ଗ୍ରୋଭ୍) ବଳୟର ବୃଦ୍ଧି, ବ୍ୟାପକ ଝାଉଁ ଜଙ୍ଗଲ ସୃଷ୍ଟି, ବାତ୍ୟା ପ୍ରତିରୋଧକ ପ୍ରାଚୀର ନିର୍ମାଣ, ବହୁମୁଖୀ ଆଶ୍ରୟସ୍ଥଳୀ ଓ ହେଲିପ୍ୟାଡ୍ ସ୍ଥାପନ ଅନ୍ତର୍ଭୁକ୍ତ। ଏହାସହ ଜିଲ୍ଲାକୁ ଏ ପର୍ଯ୍ୟନ୍ତ ରେଳ ସଂଯୋଗ ହୋଇନଥିବାରୁ ଜରୁରୀକାଳୀନ ରିଲିଫ୍ ଓ ସହାୟତା ପହଞ୍ଚାଇବା ପାଇଁ ବରୁଣାଇଠାରେ ଏକ ପରିବେଶ-ଅନୁକୂଳ ବନ୍ଦର ପ୍ରତିଷ୍ଠା କରିବାକୁ ପରାମର୍ଶ ଦିଆଯାଇଛି। ଅନେକ ବରପୁତ୍ରଙ୍କ ଜନ୍ମମାଟି ଓ ପ୍ରସିଦ୍ଧ ଐତିହ୍ୟପୂର୍ଣ୍ଣ ଏହି ଜିଲ୍ଲାର ପୁନରୁଦ୍ଧାର ଓ ସୁରକ୍ଷା ପାଇଁ ସରକାରୀ ସ୍ତରରେ ଜରୁରୀ ଅଗ୍ରାଧିକାର ଦିଆଯିବା ଆବଶ୍ୟକ।

ଜଳବାୟୁ ପର୍ଯ୍ୟବେକ୍ଷଣ ଓ ବୈଜ୍ଞାନିକ ଅନୁଧ୍ୟାନରୁ ସ୍ପଷ୍ଟ ଜଣାପଡ଼େ ଯେ କେନ୍ଦ୍ରାପଡ଼ା ଜିଲ୍ଲାର ଜଳବାୟୁ ସଙ୍କଟ କେବଳ ବର୍ତ୍ତମାନର ସମସ୍ୟା ନୁହେଁ, ବରଂ ଏହା ଆଗାମୀ ପିଢ଼ିର ଅସ୍ତିତ୍ୱ ପ୍ରତି ଏକ ଗମ୍ଭୀର ଚେତାବନୀ। ନଦୀଗୁଡ଼ିକରେ ପାଟ ଚଢ଼ିଯିବା, ସମୁଦ୍ର ଜଳସ୍ତର ବୃଦ୍ଧି ପାଇବା ଏବଂ ଚାଷଜମିରେ ଲୁଣାପାଣି ମାଡ଼ିଯିବା ଯୋଗୁଁ କୃଷି ଓ ମାଛଧରା ଉପରେ ନିର୍ଭର କରୁଥିବା ଶହ ଶହ ପରିବାର ଗୁରୁତର ଭାବେ ପ୍ରଭାବିତ ହେଉଛନ୍ତି। ସାତଭାୟା ଭଳି ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ସମୁଦ୍ର ଗ୍ରାସରେ ଲୀନ ହେବା ଏହାର ପ୍ରତ୍ୟକ୍ଷ ପ୍ରମାଣ। ଏହି କାରଣରୁ ରୋଜଗାର ହରାଇ ଗ୍ରାମାଞ୍ଚଳର ଯୁବବର୍ଗ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି, ଯାହା ସ୍ଥାନୀୟ ସାମାଜିକ ଓ ସାଂସ୍କୃତିକ ଢାଞ୍ଚାକୁ ଦୁର୍ବଳ କରିଦେଉଛି।

ଏହି ସଙ୍କଟର ସ୍ଥାୟୀ ସମାଧାନ ପାଇଁ ବୈଜ୍ଞାନିକ ସୁପାରିଶଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଜରୁରୀ। ଭିତରକନିକା ସମେତ ସମଗ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ହେନ୍ତାଳବନ (ମ୍ୟାଙ୍ଗ୍ରୋଭ୍) ଓ ଝାଉଁ ଜଙ୍ଗଲର ବ୍ୟାପକ ବୃଦ୍ଧି ବାତ୍ୟା ଏବଂ ଜୁଆରର ବେଗକୁ ପ୍ରତିରୋଧ କରିବାରେ ପ୍ରକୃତିର ସବୁଠାରୁ ବଡ଼ ସୁରକ୍ଷା କବଚ ସାଜିବ। ଏହାସହ ବାତ୍ୟା ପ୍ରତିରୋଧକ କାନ୍ଥ ନିର୍ମାଣ, ନଦୀଗୁଡ଼ିକର ଶଯ୍ୟା ଖୋଳାଯିବା, ଲୁଣାପାଣି ସହ୍ୟ କରିପାରୁଥିବା ବିଶେଷ ଧାନ ବିହନର ବ୍ୟବହାର ଏବଂ ସଂବେଦନଶୀଳ ଗ୍ରାମଗୁଡ଼ିକରେ ବହୁମୁଖୀ ଆଶ୍ରୟସ୍ଥଳୀ ଓ ହେଲିପ୍ୟାଡ୍ ସ୍ଥାପନ କରିବା ନିହାତି ଆବଶ୍ୟକ। ବରୁଣାଇଠାରେ ପରିବେଶ-ଅନୁକୂଳ ବନ୍ଦର ପ୍ରତିଷ୍ଠା ହେଲେ ଏହା ଅଞ୍ଚଳର ଜରୁରୀ ଗମନାଗମନ ଓ ଆର୍ଥିକ ପ୍ରଗତିକୁ ନୂଆ ଦିଶା ଦେବ। କେନ୍ଦ୍ରାପଡ଼ାର ଐତିହ୍ୟ ଓ ସଂସ୍କୃତିକୁ ବଞ୍ଚାଇବାକୁ ହେଲେ ସରକାରୀ ପ୍ରଶାସନ ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଜଳବାୟୁ ସହନଶୀଳ ଯୋଜନାକୁ ପ୍ରାଥମିକତା ଦେବାକୁ ପଡ଼ିବ।

ଜଳବାୟୁ ପରିବର୍ତ୍ତନର ସଙ୍କଟ କେନ୍ଦ୍ରାପଡ଼ାର ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ଦିନକୁ ଦିନ ଅତ୍ୟନ୍ତ ଦୁର୍ବଳ କରିଦେଉଛି। ପ୍ରାକୃତିକ ବିପର୍ଯ୍ୟୟର ବାରମ୍ବାରତା ଯୋଗୁଁ ସ୍ଥାନୀୟ କୃଷକ, ମାଛଧରାଳି ଓ ଶ୍ରମିକଶ୍ରେଣୀର ଲୋକମାନେ ଆଜି ସବୁଠାରୁ ବେଶି କ୍ଷତିଗ୍ରସ୍ତ ହେଉଛନ୍ତି। ନଦୀବନ୍ଧଗୁଡ଼ିକ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିବାରୁ ସାମାନ୍ୟ ବର୍ଷା କିମ୍ବା ଜୁଆର ଆସିଲେ ବିରାଟ ଅଞ୍ଚଳ ଜଳମଗ୍ନ ହୋଇଯାଉଛି। ଚାଷଜମିରେ ସମୁଦ୍ରର ଲୁଣାପାଣି ମାଡ଼ିଯିବା ଫଳରେ ମୃତ୍ତିକାର ଉର୍ବରତା ନଷ୍ଟ ହେଉଛି, ଯାହା ଫସଲ ଅମଳକୁ ବାଧାପ୍ରାପ୍ତ କରିବା ସହ ଖାଦ୍ୟ ସୁରକ୍ଷା ପ୍ରତି ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରୁଛି। ଜୀବିକାର ସାଧନ ହରାଇ ବହୁ ପରିବାର ନିଜ ଭିଟାମାଟି ଛାଡ଼ି ରୋଜଗାର ଆଶାରେ ଅନ୍ୟ ରାଜ୍ୟକୁ ପ୍ରବ୍ରାଜନ କରୁଛନ୍ତି। ଏହି ନିରନ୍ତର ସ୍ଥାନାନ୍ତରଣ ଗ୍ରାମୀଣ ଜୀବନଶୈଳୀ ଓ ପାରମ୍ପରିକ ପାରିବାରିକ ସମ୍ପର୍କକୁ ଭାଙ୍ଗି ଦେଉଛି। ତାହା ସହିତ ନିରନ୍ତର ବନ୍ୟା ଓ ସାମୁଦ୍ରିକ ଝଡ଼ ଯୋଗୁଁ ଗ୍ରାମାଞ୍ଚଳର ପାନୀୟ ଜଳ ଉତ୍ସଗୁଡ଼ିକ ଦୂଷିତ ହୋଇପଡୁଛି, ଯାହା ବିଶୁଦ୍ଧ ପାନୀୟ ଜଳର ଘୋର ଅଭାବ ସୃଷ୍ଟି କରିବା ସହ ନାନା ପ୍ରକାର ଜଳବାହିତ ରୋଗର ବୃଦ୍ଧି ଘଟାଉଛି। ବିଶେଷ କରି ଶିଶୁ, ମହିଳା ଓ ବୃଦ୍ଧମାନେ ଏହି ଜଳବାୟୁ ସଙ୍କଟର ସବୁଠାରୁ ବଡ଼ ଶିକାର ହେଉଛନ୍ତି, ଯାହା ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ନାକାରାତ୍ମକ ପ୍ରଭାବ ପକାଉଛି।

ଏହି ଆହ୍ୱାନର ସ୍ଥାୟୀ ପ୍ରତିକାର ପାଇଁ ବୈଜ୍ଞାନିକ ତଥା ପରିବେଶ-ଅନୁକୂଳ ପଦକ୍ଷେପଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଆବଶ୍ୟକ। ସମୁଦ୍ରକୂଳିଆ ଅଞ୍ଚଳଗୁଡ଼ିକରେ ହେନ୍ତାଳବନ ଓ ଝାଉଁ ଜଙ୍ଗଲର ବ୍ୟାପକ ସୃଷ୍ଟି ବାତ୍ୟାର ପ୍ରକୋପ ଓ ଉଚ୍ଚ ଜୁଆରକୁ ରୋକିବାରେ ପ୍ରାକୃତିକ ପ୍ରତିବନ୍ଧକ ଭାବେ କାମ କରିବ। ସମୁଦ୍ରର ଆକ୍ରମଣରୁ ଗ୍ରାମଗୁଡ଼ିକୁ ରକ୍ଷା କରିବା ପାଇଁ ବାତ୍ୟା ପ୍ରତିରୋଧକ ସି-ୱାଲ୍ ନିର୍ମାଣ, ନଦୀପଥଗୁଡ଼ିକର ପଙ୍କ ଉଦ୍ଧାର ଏବଂ ଲୁଣାପାଣି ସହ୍ୟ କରିପାରୁଥିବା ବିଶେଷ ଧାନ ବିହନର ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ଉଚିତ। ସଂବେଦନଶୀଳ ଗ୍ରାମଗୁଡ଼ିକରେ ହେଲିପ୍ୟାଡ୍ ସହ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ସ୍ଥାପନ କରାଗଲେ ଜରୁରୀ ସମୟରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସୁଗମ ହୋଇପାରିବ। ବରୁଣାଇଠାରେ ଏକ ପ୍ରସ୍ତାବିତ ପରିବେଶ-ଅନୁକୂଳ ବନ୍ଦର ପ୍ରତିଷ୍ଠା ହେଲେ ତାହା ଜିଲ୍ଲାର ଜରୁରୀ ଗମନାଗମନ ସହ ଆର୍ଥିକ ବିକାଶର ନୂଆ ଦ୍ୱାର ଖୋଲିବ। ଆଧୁନିକ ଜିଆଇଏସ୍ ମ୍ୟାପିଂ ଓ ଉପଗ୍ରହ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରି ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକୁ ଆଗୁଆ ଚିହ୍ନଟ କରାଯିବା ସହ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରାଯିବା ଦରକାର। ଗ୍ରାମପଞ୍ଚାୟତ ସ୍ତରରେ ଜଳବାୟୁ ସହନଶୀଳ କାର୍ଯ୍ୟପନ୍ଥା ପ୍ରସ୍ତୁତ କରି ସ୍ଥାନୀୟ ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ଅଭିଯାନରେ ପ୍ରତ୍ୟକ୍ଷ ଭାବେ ସାମିଲ କରାଯିବା ଆବଶ୍ୟକ। ଶିକ୍ଷାନୁଷ୍ଠାନଗୁଡ଼ିକ ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରାଗଲେ ପରିବେଶ ରକ୍ଷା ଏକ ସାମାଜିକ ଆନ୍ଦୋଳନର ରୂପ ନେବ। କେନ୍ଦ୍ରାପଡ଼ାର ସମୃଦ୍ଧ ଐତିହ୍ୟ, ସଂସ୍କୃତି ଓ ମାଟିର ଅସ୍ତିତ୍ୱକୁ ସୁରକ୍ଷିତ ରଖିବାକୁ ହେଲେ ସରକାରୀ ପ୍ରଶାସନ ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଦୀର୍ଘମିଆଦୀ ଯୋଜନାକୁ ପ୍ରାଥମିକତା ଦେବାକୁ ପଡ଼ିବ, ଯାହା ଦ୍ୱାରା ଏହି ଗୌରବମୟ ଜିଲ୍ଲାକୁ ଆଗାମୀ ପ୍ରାକୃତିକ ବିପର୍ଯ୍ୟୟରୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯାଇପାରିବ।

ଜାତୀୟ ଚେତନା
JATIYA CHETANA



# ୩୮ ମଣ୍ଡପରେ ଗଣେଶ ପୂଜା, ଝଲସୁଛି ଢେଙ୍କାନାଳ ସହର



ଭୁବନେଶ୍ୱର,(ଜା.ପ୍ର): ସୋମବାରଠାରୁ ଢେଙ୍କାନାଳ ସହରରେ ଆରମ୍ଭ ହେବ ପବିତ୍ର ଗଣେଶ ପୂଜା। ଚଳିତ ବର୍ଷ ସହରର ପ୍ରାୟ ୩୮ଟି ପୂଜା ମଣ୍ଡପରେ ପ୍ରଭୁ ଗଣେଶଙ୍କ ପୂଜା ଅନୁଷ୍ଠିତ ହେବ। ପୂଜାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ସାରା ଢେଙ୍କାନାଳ ସହର। ବିଭିନ୍ନ ପୂଜା ମଣ୍ଡପରେ ଆକର୍ଷଣୀୟ ପ୍ରତିମା ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳା ଓ ସୁନ୍ଦର ତୋରଣ ଶୋଭା ବଢ଼ାଉଛି। ମହାବୀର ୟୁଥ୍ କ୍ଲବ୍ ପକ୍ଷରୁ ପ୍ରଭୁ ଗଣେଶଙ୍କ ପାଇଁ ଚାନ୍ଦିରେ ନିର୍ମିତ ସୁନ୍ଦର ବେଶଭୂଷା ଓ ଅଳଙ୍କାର ମଧ୍ୟ ଆକର୍ଷଣର କେନ୍ଦ୍ର ପାଲଟିଛି। ଚଳିତ ବର୍ଷ ପୂଜା କମିଟି ଓ ଜିଲ୍ଲା ପ୍ରଶାସନର ବୈଠକରେ ଶାନ୍ତିଶୃଙ୍ଖଳାର ସହ ବିସର୍ଜନ ଉତ୍ସବ ପାଳନ ନେଇ ନିଷ୍ପତ୍ତି ହୋଇଛି। ଏହାସହ ଆସନ୍ତା ୧୯ ତାରିଖରେ ୧୦୦ କେଜିର ବିଶାଳ ଗଣେଶ ଲଡୁ ପ୍ରସ୍ତୁତ କରାଯାଇ ନିଲାମ କରାଯିବାର କାର୍ଯ୍ୟକ୍ରମ ରହିଛି। ପୂଜା ସମୟରେ ଟ୍ରାଫିକ୍, ବିଦ୍ୟୁତ, ଅଗ୍ନିଶମ ଓ ପୁଲିସ୍ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରାଯାଇଛି। ବିଭିନ୍ନ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନିଆରା ବିସର୍ଜନ ଉତ୍ସବ ଦେଖିବାକୁ ହଜାର ହଜାର ଲୋକଙ୍କ ସମାଗମ ହେବା ଆଶା କରାଯାଉଛି। ମିଳିତ ବଜାର ଗଣେଶ ପୂଜା କ୍ରିୟା ଅନୁଷ୍ଠାନ କମିଟି ର ସଭାପତି ସୁଧାଂଶୁ କୁମାର ଦଳେଇ ସୂଚନା ଦେଇଛନ୍ତି।



## ‘ନବଦଶକୋତ୍ସବ’ ସମାରୋହ

# ବ୍ରହ୍ମାକୁମାରୀଜ୍ ସଂସ୍ଥାର ୯୦ ବର୍ଷ ଅବସରରେ ୯୦+ ବର୍ଷୀୟ ବରିଷ୍ଠ ନାଗରିକଙ୍କୁ ସମ୍ମାନ

ଭୁବନେଶ୍ୱର,(ଜା.ପ୍ର): ବ୍ରହ୍ମାକୁମାରୀଜ୍ ସଂସ୍ଥାର ୯୦ ବର୍ଷ ଓ ଓଡ଼ିଶା ସ୍ୱତନ୍ତ୍ର ପ୍ରାନ୍ତର ୯୦ ବର୍ଷ ପୂର୍ତ୍ତି ଅବସରରେ ୯୦+ ବର୍ଷୀୟ ବରିଷ୍ଠ ନାଗରିକଙ୍କୁ ସମ୍ମାନ। ପ୍ରାୟ ୧୦୦୦ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ ରାଜଯୋଗିନୀ ବୀଣା ଦିଦିଜୀ, ରାଜଯୋଗ ପ୍ରଶିକ୍ଷିକା ଓ ଗୀତା ଏକ୍ସପର୍ଟ, ହୁବ୍ଲି। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ଜଗନ୍ନାଥ ପ୍ରଧାନ ଏବଂ ହେଲ୍ପଏଜ୍ ଇଣ୍ଡିଆର ଓଡ଼ିଶା ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର ଯୋଗଦେଇଥିଲେ।

ସମ୍ମିଳନୀରେ ମହାସଂଘର ସଭାପତି ଡ. ମଧୁମାଧବ ଜେନା ଅଧ୍ୟକ୍ଷତା କରିଥିବାବେଳେ, ବ୍ରହ୍ମାକୁମାରୀ ଭୁବନେଶ୍ୱର ୟୁନିଟ୍-୯ ସବ୍-ଜୋନ୍ ମୁଖ୍ୟ ବ୍ରହ୍ମାକୁମାରୀ ଗୀତା ଦିଦି ସଞ୍ଚାଳନ କରିଥିଲେ। ମହାସଂଘର ମହାସଚିବ ରୋଟାରିଆନ୍ ଡ. ଯୁଗଳ କିଶୋର ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିବା ସହିତ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ଦାବି ଓ ସମସ୍ୟା ସମାଧାନ ନିମନ୍ତେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଏହି ଅବସରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଚାଲିଥିବା ତିନିଦିନିଆ “ଗୀତା ଜ୍ଞାନ ପ୍ରବଚନ” କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି। “ଗୀତାର ସାର – ଜୀବନର ଆଧାର” ବିଷୟବସ୍ତୁକୁ ନେଇ ଚାଲିଥିବା ଏହି ଜ୍ଞାନ ପ୍ରବଚନରେ ରାଜଯୋଗିନୀ ବୀଣା ଦିଦିଜୀ ଗୀତାର ଶାଶ୍ୱତ ଜ୍ଞାନ, ଜୀବନରେ ଏହାର ପ୍ରୟୋଗ ଏବଂ ରାଜଯୋଗ ଧ୍ୟାନ ସହିତ ଏହାର ସମ୍ପର୍କ ବିଷୟରେ ମାର୍ଗଦର୍ଶନ ଦେଉଛନ୍ତି।

ଏହି ତିନିଦିନିଆ ଗୀତା ଜ୍ଞାନ ପ୍ରବଚନ ୧୨, ୧୩ ଓ ୧୪ ସେପ୍ଟେମ୍ବର ୨୦୨୬, ପ୍ରତିଦିନ ସନ୍ଧ୍ୟା ୬ଟାରୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ନୂତନ ପ୍ରେକ୍ଷାଳୟରେ ଚାଲିବ। ଆସନ୍ତା ୧୪ ସେପ୍ଟେମ୍ବର ଦିନ ଏହାର ଶେଷ ଅଧିବେଶନ ଅନୁଷ୍ଠିତ ହେବ।କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଗୀତାର ଆଧ୍ୟାତ୍ମିକ ଜ୍ଞାନକୁ ଜୀବନ ସହିତ ଯୋଡ଼ି ମାନସିକ ଶାନ୍ତି, ସକାରାତ୍ମକ ଚିନ୍ତନ, ଆତ୍ମବଳ ଓ ମୂଲ୍ୟବୋଧର ବିକାଶ କରିବା। ବରିଷ୍ଠ ନାଗରିକ ସମ୍ମିଳନୀ ଓ ଗୀତା ଜ୍ଞାନ ପ୍ରବଚନରେ ବହୁ ସଂଖ୍ୟାରେ ଲୋକଙ୍କ ଯୋଗଦାନ ଏହି ଆଧ୍ୟାତ୍ମିକ ଓ ସାମାଜିକ ପ୍ରୟାସକୁ ସଫଳ କରିଛି।

## ସ୍ତ୍ରୀର ବେକ କାଟିଲା ସ୍ୱାମୀ

ଭୁବନେଶ୍ୱର,(ଜା.ପ୍ର): ଦିନ ଦ୍ୱିପହରରେ ରାସ୍ତା ଉପରେ ସ୍ତ୍ରୀର ବେକ କାଟିଦେଲା ସ୍ୱାମୀ। କିଛି ସମୟ ଛଟପଟ ହୋଇ ସ୍ୱାମୀ ଆଗରେ ଆଖି ବୁଜିଲେ ସ୍ତ୍ରୀ। ଏଭଳି ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ବାରିପଦାର ବାଗଡିହା ଛକରେ। ମୃତ ମହିଳା ଜଣକ ହେଲେ ଶୁଳିଆପଦା ଥାନା ଅନ୍ତର୍ଗତ ଗଉଡୁଣୀଡୁବା ଗାଁର କଟିଆ ନାଏକଙ୍କ ପତ୍ନୀ ସୁକାନ୍ତି ନାଏକ। ମିଳିଥିବା ସୂଚନା ଅନୁଯାୟୀ ମୃତ ମହିଳା ହେଉଛନ୍ତି ଅଭିଯୁକ୍ତଙ୍କ ଦ୍ୱିତୀୟ ସ୍ତ୍ରୀ। ୧୮ ବର୍ଷ ଧରି ଉଭୟ ସାଙ୍ଗରେ ଥିଲେ। ହଠାତ୍ ଉଭୟଙ୍କ ମଧ୍ୟରେ କୌଣସି କଥାରୁ ବିବାଦ ହୋଇଥିଲା। ଏହା ପରେ ସ୍ତ୍ରୀ ରାଗିଯାଇ ବାରିପଦାକୁ ପଳାଇ ଆସିଥିଲେ। ତାଙ୍କୁ ଖୋଜିଖୋଜି ବାରିପଦାରେ ପହଞ୍ଚିଥିଲେ ସ୍ୱାମୀ। ଉଭୟ ବାଗଡିହା ଛକ ନିକଟରେ ବସି କଥାବାର୍ତ୍ତା ହେଉଥିବା ବେଳେ କଟିଆ ହଠାତ୍ ଉଗ୍ରରୂପ ଧାରଣ କରିଥିଲା ଏବଂ ପାଖରେ ରଖିଥିବା ଏକ ଧାରୁଆ ଛୁରୀ ବାହାର କରି ସ୍ତ୍ରୀ ସୁକାନ୍ତିଙ୍କ ବେକକୁ ନିର୍ଦ୍ଦୟ ଭାବେ କାଟି ପକାଇଥିଲା। ଫଳରେ ତାଙ୍କ ସ୍ତ୍ରୀଙ୍କର ପ୍ରବଳ ରକ୍ତସ୍ରାବ ହୋଇଥିଲା। ରକ୍ତସ୍ରାବକୁ ବନ୍ଦ କରିବା ପାଇଁ କିଛି ଲୋକ ତାଙ୍କ ବେକରେ କପଡ଼ା ଗୁଡ଼ାଇ ଦେଇଥିଲେ। ଏହା ପରେ ତାଙ୍କୁ ପିଆର୍‌ଏମ୍ ମେଡିକାଲ୍ କଲେଜ ଓ ହସ୍‌ପିଟାଲ୍‌କୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁଘଟିଥିଲା। ଏନେଇ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ କଟିଆକୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ରକ୍ତଭିଜା ଛୁରୀ ଜବତ କରିଛି। ତତ୍‌ସହିତ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ କ’ଣ, ତାହା ଜାଣିବା ପାଇଁ ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଅଟକ ରଖି ଘନଘନ ଜେରା ଚଳାଇଛି।

# ଦୁର୍ଦ୍ଦାନ୍ତ ଅପରାଧୀକୁ ଏନ୍‌କାଉଣ୍ଟର୍, ଗୋଡ଼ରେ ବାଜିଛି ୨ଟି ଗୁଳି

ଭୁବନେଶ୍ୱର,(ଜା.ପ୍ର): ସମ୍ବଲପୁର ପୁଲିସର ଏନକାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧୀ ମହମ୍ମଦ ଇରଫାନ ଆହତ ହୋଇଛି। ରବିବାର ଭୋର୍ ୫.୪୫ରେ ସମ୍ବଲପୁର ସଦର ଥାନା ଅନ୍ତର୍ଗତ କେନାଲ ରୋଡ୍, ସୁଡୁଙ୍ଗା ଜଙ୍ଗଲ ନିକଟରେ ଏହି ଏନକାଉଣ୍ଟର ହୋଇଛି। ଅଭିଯୁକ୍ତ ମହମ୍ମଦ ଇରଫାନ (ସୁନାପାଲି) ନାମରେ ଡକାୟତି, ରାହାଜାନି, ଆଲୁମିନିୟମ ତାର ଚୋରି, ଚୋରି ଏବଂ ନିଶା କାରବାର ଭଳି ୨୪ରୁ ଅଧିକ ଅପରାଧିକ ମାମଲା ରହିଥିବା ନେଇ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି ଅତିରିକ୍ତ ଏସପି ଶଶାଙ୍କ ଶେଖର ବେଉରା। ରବିବାର ଭୋର ୫ଟା ବେଳେ ସମ୍ବଲପୁର ସଦର ଥାନା ପୁଲିସ କର୍ମଚାରୀ ସୁଡୁଙ୍ଗା ଜଙ୍ଗଲ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ କଳା ରଙ୍ଗର ବାଇକରେ ଯାଉଥିବା ମହମ୍ମଦ ଇରଫାନ ଏବଂ ତାଙ୍କର ୨ ଜଣ ସହଯୋଗୀଙ୍କୁ ପୁଲିସ ଅଟକାଇଥିଲେ। ଅଟକାଇବା ସମୟରେ ପୁଲିସ ଟିମ୍ ୨ ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ମାତ୍ର ମହମ୍ମଦ ଇରଫାନ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲା। ଖସିଯିବା ସମୟରେ ପୋଲିସ ଟିମ୍ ଇରଫାନର ପିଛା କରିଥିଲା। ଏହି ସମୟରେ ଇରଫାନ ପୁଲିସ ଉପରକୁ ପ୍ରଥମେ ୩ରାଉଣ୍ଡ ଗୁଳିଚାଳନା କରିଥିଲା। ଆତ୍ମରକ୍ଷା ପାଇଁ ପୁଲିସ ଟିମ୍ ପକ୍ଷରୁ ନିୟନ୍ତ୍ରିତ ପାଲଟା ଗୁଳିଚାଳନା କରାଯାଇଥିଲା, ଯେଉଁଥିରେ ଇରଫାନର ବାମ ଗୋଡ଼ରେ ୨ଟି ଗୁଳି ବାଜିଥିଲା। ଆହତ ଅଭିଯୁକ୍ତ ମହମ୍ମଦ ଇରଫାନଙ୍କୁ ବୁର୍ଲା ସ୍ଥିତ ଭୀମସାରରେ ଭର୍ତ୍ତି କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଅତିରିକ୍ତ ଏସପି ଶଶାଙ୍କ ଶେଖର ବେଉରା କହିଛନ୍ତି। ଏହି ଘଟଣାରେ ପୁଲିସ ୧ଟି ପିସ୍ତଲ, କିଛି ଜୀବନ୍ତ ଗୁଳି, ୩ଟି ଖାଲି କାର୍ଟ୍ରିଜ୍ ବ୍ୟବହୃତ ବାଇକ ଜବତ କରିଛି।

# ଛାତ୍ରଙ୍କୁ ଯୌନ ନିର୍ଯାତନା, ଅଧ୍ୟକ୍ଷ ଗିରଫ

ଭୁବନେଶ୍ୱର,(ଜା.ପ୍ର): ବରଗଡ଼ ସହର ଉପକଣ୍ଠ ବରଡୋଲସ୍ଥିତ ଏକ ଘରୋଇ ଯୁକ୍ତଦୁଇ କଲେଜର ଅଧ୍ୟକ୍ଷ ଜଣେ ନାବାଳକ ଛାତ୍ର(୧୫)ଙ୍କ ସହିତ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ସହିତ ଯୌନ ନିର୍ଯାତନା ଅଭିଯୋଗରେ ଗିରଫ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୁକ୍ତ ଅଧ୍ୟକ୍ଷ ହେଲେ ବରଡୋଲ ଗ୍ରାମର ଦେବଦତ୍ତ ପ୍ରଧାନ। ତାଙ୍କୁ ବରଗଡ଼ ଟାଉନ ଥାନା ପୁଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି। ପୀଡ଼ିତ ଛାତ୍ର ଜଣକ ଅଭିଯୁକ୍ତ ଅଧ୍ୟକ୍ଷଙ୍କ ପାଖରେ ଟ୍ୟୁସନ ପଢୁଥିଲେ। ତାଙ୍କୁ କୌଶଳ କ୍ରମେ ଏକ ହୋଟେଲକୁ ନେଇ ଅଭିଯୁକ୍ତ ଅଧ୍ୟକ୍ଷ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ସହିତ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଛାତ୍ର ଜଣକ ହୋଟେଲରୁ ପରିବାର ଲୋକଙ୍କୁ ମେସେଜ୍ କରି ଏ ବିଷୟରେ ଜଣାଇଥିଲେ। ପରେ ପୀଡ଼ିତ ଛାତ୍ରଙ୍କ ବାପାଙ୍କ ଏତଲାକ୍ରମେ ଟାଉନ ଥାନା ପୁଲିସ ଅଭିଯୁକ୍ତ ଅଧ୍ୟକ୍ଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଅଧିକ ତଦନ୍ତ ଚାଲିଛି ବୋଲି ଟାଉନ ଥାନା ଆଇଆଇସି ଚିତ୍ତରଞ୍ଜନ ମେହେର କହିଛନ୍ତି।

# ଗୃହରକ୍ଷୀଙ୍କୁ ଡ୍ରଗ୍ସ ମାଫିଆଙ୍କ ମରଣାନ୍ତକ ଆକ୍ରମଣ ମାମଲାରେ ୬ ଗିରଫ

ଭୁବନେଶ୍ୱର,(ଜା.ପ୍ର): ଗୃହରକ୍ଷୀଙ୍କୁ ଡ୍ରଗ୍ସ ମାଫିଆଙ୍କ ମରଣାନ୍ତକ ଆକ୍ରମଣ ମାମଲାରେ ଗିରଫ ୬ ଅଭିଯୁକ୍ତଙ୍କୁ ନେଇ ଜଗତସିଂହପୁର ପୁଲିସ୍ ସିନ୍ ରିକ୍ରିଏସନ କରିଛି। ଟିଆଇ ପରେଡ୍ ପରେ ଅଭିଯୁକ୍ତମାନଙ୍କୁ ଘଟଣାସ୍ଥଳକୁ ନିଆଯାଇଥିବା ବେଳେ ପୋଲିସ୍ ସେମାନଙ୍କୁ ରାସ୍ତାରେ ଚଲାଇ ଚଲାଇ ନେଇ ଘଟଣାଦିନ କିଭଳି ଆକ୍ରମଣ ହୋଇଥିଲା, ତାହାର ସିନ୍ ରିକ୍ରିଏସନ କରିଛି। ଶନିବାର ବିଳମ୍ବିତ ରାତ୍ରରେ ଜଗତସିଂହପୁର ସଦର ଥାନାର ନିତ୍ୟାନନ୍ଦ ସେନାପତି ନାମକ ଜଣେ ଗୃହରକ୍ଷୀ ଡିୟୁଟି ସାରି ନିଜ ବାଇକରେ ଘରକୁ ଫେରୁ ଥିବା ସମୟରେ, କଲେଜ ଛକ ଠାରେ ଏକ କାର୍ ବିପରୀତ ଦିଗରୁ ଆସି ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଗୃହରକ୍ଷୀ ତଳେ ପଡ଼ିଯିବା ସମୟରେ କାରରୁ ଡ୍ରଗ୍ସ ମାଫିଆ ଭିକି ଓ ତାର ସାନଭାଇ ଜ୍ୟାକି ଓ ଅନ୍ୟ ୪ ସହଯୋଗୀ କାରରୁ ଓହ୍ଲାଇ ଆସି ନିତ୍ୟାନନ୍ଦଙ୍କୁ ହକି ଷ୍ଟିକ ଓ ବାଉଁଶରେ ମରଣାନ୍ତକ ଆକ୍ରମଣ କରି ଗୁରୁତର କରିଥିଲେ। ଏଥି ସହିତ ନିତ୍ୟାନନ୍ଦଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଡ୍ରଗ୍ସ କାରବାର ସମ୍ପର୍କରେ ସବୁ ତଥ୍ୟ ପୁଲିସଙ୍କୁ ଜଣାଉଥିବା କହି ନିସ୍ତୁକ ଭାବେ ମାଡ଼ ମାରିଥିଲେ। ସେହି ସମୟରେ ସଦର ଥାନା ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ନିତ୍ୟାନନ୍ଦଙ୍କୁ ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପରେ ପୁଲିସ ଓହଳ ଗ୍ରାମର ସୁରେସ ଚନ୍ଦ୍ର ପରିଜାଙ୍କ ୨ପୁଅ ଭିକି ଓରଫ ସୌମ୍ୟଜିତ୍ ପରିଜା(୩୬)ଓ ଜ୍ୟାକି ଓରଫ୍ ସ୍ୱପ୍ନଜିତ୍ ପରିଜା(୨୬)ଙ୍କୁ କାବୁ କରି ଥାନାକୁ ନେଇଥିଲା। ଥାନାରେ ପଚରାଉଚୁରା ପରେ ଅନ୍ୟ ସହଯୋଗୀ ସଦର ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ସୁଲେଖ ମହାରଣାଙ୍କ ପୁଅ ରାଜା ମହାରଣା(୨୪), ଓହଳ ଦେଉଳିଗ୍ରାମେଶ୍ୱର ଗ୍ରାମର ମହମ୍ମଦ ଅନସରଙ୍କ ପୁଅ ମହମ୍ମଦ ଉମର ଫାରୁକ୍(୨୬), ଲାଲାସାହି ଗ୍ରାମର ସେକ୍ ମୋନାଙ୍କ ପୁଅ ସେକ୍ ମୌସମ୍ ଓ ପଟସରା ଗ୍ରାମର ଦୁଃଖୀଶ୍ୟାମ ରାଉତଙ୍କ ପୁଅ ରାହୁଲ ରାଉତ(୨୨)ଙ୍କୁ ଥାନାକୁ ଉଠାଇ ଆଣିଥିଲା। ରବିବାର ଅପରାହ୍ଣରେ ସମସ୍ତ ଅଭିଯୁକ୍ତ ୬ଜଣଙ୍କୁ ପୁଲିସ ସଦର ଥାନାରୁ ଘଟଣା ସ୍ଥଳ(କଲେଜ ଛକ) ପର୍ଯ୍ୟନ୍ତ ୨କିମି ସର୍ବସାଧାରଣ ସମ୍ମୁଖରେ ଚଲାଇ ଚଲାଇ ନେଇ ମାରପିଟର ସିନ୍ ରିକ୍ରିଏସନ କରାଇଥିଲା। ତେବେ ପରେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ ଏସ୍‌ଡିପିଓ ଦିବ୍ୟରଞ୍ଜନ ନାଥ ସୂଚନା ଦେଇଛନ୍ତି। ଏଥି ସହିତ ଅଭିଯୁକ୍ତମାନଙ୍କ ଠାରୁ ଏକ କାର୍ ସହିତ ୨ଟି ବାଇକ, ୪ଟି ହକି ଷ୍ଟିକ୍, ୩ଟି ମୋବାଇଲ, ଶ୍ରୀ ସେନାପତିଙ୍କ ଠାରୁ ଲୁଟି ନେଇଥିବା ସୁନା ଚେନ ଓ ନଗଦ ୧୨ଶହ ୭୦ଟଙ୍କା ଜବତ କରାଯାଇଥିବା ଶ୍ରୀ ନାଥ ସୂଚନା ଦେଇଛନ୍ତି। ଗୃହରକ୍ଷୀ ଶ୍ରୀ ସେନାପତି ପୂର୍ବରୁ ସମ୍ପୃକ୍ତ ଡ୍ରଗ୍ସ ମାଫିଆଙ୍କ ବ୍ୟବସାୟ ଧରାଇ ଦେବା ରାଗରେ ଏପରି ଆକ୍ରମଣ କରାଯାଇଥିବା ଏସ୍.ଡି.ପି.ଓ ସୂଚନା ଦେଇଛନ୍ତି।

ଜାତୀୟ ଚେତନା
JATIYA CHETANA



# ମୁଁ ଦାନି ନା ମାଗୁଣି




**ଦିଗମ୍ବର ବେହେରା**
କୁମୁଟିଗୁଡ଼ା, ମାଲକାନଗିରି, ମୋ: ୯୭୭୬୪୫୬୪୮୭

ମନ୍ଦିର ଯାଇ ଦିଅଁ ଦର୍ଶନ କରିବା ମୋ ମାଆଙ୍କର ନିତିଦିନିଆ ଅଭ୍ୟାସ। ସେତେବେଳର ମୁରୁଖ ଲୋକ। ଲେଖିପଢ଼ି ଜାଣିନି। ସବୁଦିନ ଆମ ଗାଁ ଶିବମନ୍ଦିର ଯାଇ ଠାକୁରଙ୍କୁ ମୁଣ୍ଡିଆ ମାରି ଫୁଲ,ବେଲପତ୍ର ଦେଇଆସେ। କ'ଣ ଟିକେ ଗୁଣୁଗୁଣୁ ହେଇ କହିଦିଏ। ଥରେ ତାଙ୍କର ମନହେଲା ଜଗନ୍ନାଥଧାମପୁରୀ ଯିବାକୁ, ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବେ, ସାରା ବିଶ୍ୱର ବଡ଼ଠାକୁରଙ୍କୁ ଦେଖିବ, ଚକାଆଖିକୁ ଦେଖିବ ରତ୍ନବେଦିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦେଖିବ। ଠିକ୍ ଅଛି, ଆମେ ପୁରୀ ବାହାରିଲୁ, ପରଦିନ ସକାଳେ ପୁରୀ ବଡ଼ଦାଣ୍ଡରେ ପହଞ୍ଚିବା ପରେ ବଡ଼ଦାଣ୍ଡ ଧୂଳି ମାଆ ଆଣି ମୋ ମୁଣ୍ଡରେ ଟିକିଏ ଲଗେଇଦେଲେ ଓ ନିଜ ମୁଣ୍ଡରେ ବଳିହେଲେ। ତିନିଚକିଆ ରିକ୍ସାବାଲା ମଉସା ଜଣେ ଆମକୁ ଆଣି ଶ୍ରୀମନ୍ଦିର ସମ୍ମୁଖରେ ଛାଡ଼ିଦେଲେ। ମାଆ ବହୁତ ଖୁସିହେଇଗଲେ। ମନ୍ଦିର ଭିତରକୁ ଯିବା, ସମ୍ମୁଖରେ ଥିବା ଶୃଙ୍ଖଳା ରକ୍ଷକ ଭାଇଜଣେ କହିଲେ ଧାଡ଼ିରେ ଆସିବାପାଇଁ। ଆମେ କଥାମାନି ଲମ୍ବା ଧାଡ଼ିରେ ଛିଡ଼ାହେଲୁ। କିଛି ଧୋତିକୁର୍ତ୍ତା ପିନ୍ଧାଲୋକ ସପରିବାରେ ଧାଡ଼ିରେ ନ ଆସି ଅନ୍ୟ ପଟେ ଆସିଲେ ଓ ସିଧାସଳଖ ମନ୍ଦିର ଭିତରକୁ ପ୍ରବେଶ କଲେ। ମାଆ ମୋତେ କହିଲେ ସେଇପଟେ ଯିବାପାଇଁ। ମୁଁ ମାଆଙ୍କୁ ବୁଝେଇଦେଲି ସେମାନେ ବଡ଼ଲୋକ ପ୍ରଶାସନର ଲୋକ ସେମାନେ ଯାଇପାରିବେ, ଆମେ ସାଧାରଣ ଲୋକ ଧାଡ଼ିରେ ଯିବୁ। ଯାହା ବି ହେଉ ଦୁଇ ଘଣ୍ଟା ଧାଡ଼ିରେ ଛିଡ଼ାହେବାପରେ ସିଂହଦ୍ୱାରଦେଇ ମନ୍ଦିର ଭିତରକୁ ପ୍ରବେଶ କରିବାର ସୁଯୋଗ ମିଳିଲା। ମନ୍ଦିର ଭିତରେ ଜଣେ ବ୍ରାହ୍ମଣ ଆମକୁ ଡାକିନେଲେ ଏଇଠୁ ଭୋଗନେବାପାଇଁ। ଶ୍ରୀମନ୍ଦିର ପ୍ରଶାସନ ର ଭୋଗ ବିକ୍ରୟ କେନ୍ଦ୍ର ଥିଲା। ମାଆ ସାଙ୍ଗରେ ତୁଳସୀପତ୍ର ଓ ଫୁଲ ନେଇଥାଆନ୍ତି। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲୁ ହାତରେ ନେଇଥିବା ଭୋଗ, ତୁଳସୀପତ୍ର ଓ ଫୁଲକୁ ପୂଜକଙ୍କୁ ଦେଲୁ ଠାକୁରଙ୍କ ଠାରେ ଅର୍ପଣ କରିବା ପାଇଁ। ହେଲେ ପୂଜକଙ୍କ ଉତ୍ତର ଥିଲା ଭିନ୍ନ! ଦକ୍ଷିଣା ଦେଲେ ଅର୍ପଣ ହେବ ବୋଲି କହିଥିଲେ। ଭୋଗ ଲାଗିହେବା ପାଇଁ ଭିନ୍ନ ଟଙ୍କା, ତୁଳସୀପତ୍ର ଅର୍ପଣ ପାଇଁ ଭିନ୍ନ ଟଙ୍କାର ଦାବୀ କରିଥିଲେ। ଯାହାବି ହେଉ ଖୁସିରେ ଖୁସିରେ ଦର୍ଶନ ହେଇଗଲା। ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ ପାଇଁ ଗଲୁ, ସବୁଠି ପୂଜକ ମାନଙ୍କର ଗୋଟିଏ କଥା ଦକ୍ଷିଣା।

ମନ୍ଦିର ବାହାରକୁ ଆସିବାବେଳେ ମୁଁ ଜଣେ ଶୃଙ୍ଖଳା ରକ୍ଷକଙ୍କୁ ପଚାରିଲି ଧାଡ଼ିରେ ଯାଉନଥିବା ଲୋକଙ୍କ କଥା। ସେ ମୋତେ କହିଥିଲେ ଏହା ହେଉଛି ଭିଆଇପି ଦର୍ଶନ। ମୁଁ କହିଲି ସେମାନେ ବୋଧେ ବଡ଼ ଲୋକ ହେଇଥିବେ। ସେ ମୋତେ କହିଲେ ନାଇଁ ଆଜ୍ଞା ଆପଣବି ଚାହିଁଲେ ଯାଇପାରିବେ। ଆମ ମନ୍ଦିର ପ୍ରଶାସନ ନିକଟରେ ଭିଆଇପି ଦର୍ଶନ ପାଇଁ ଟିକଟ ଆଣିଲେ ଯାଇପାରିବେ। ମୁଁ ପଚାରିଲି ଆମକୁ କ'ଣ ଟିକଟ ଦେବେ? ସେ ମୋତେ ବୁଝେଇ କହିଲେ ଟଙ୍କା ଦେଇ ଟିକଟ କରିବାକୁ ପଡ଼ିବ।

ମାଆ ମୋତେ ପଚାରିଲେ ମନ୍ଦିର ଭିତରେ ଥିବା ଦାନବାକ୍ସ(ହୁଣ୍ଡି) କଥା। ମନ୍ଦିର ପାଖରେ ଏକ ଡିଜିଟାଲ ବୋର୍ଡ ଲାଗିଥାଏ, ସେଥିରେ ହୁଣ୍ଡିରୁ ପ୍ରତ୍ୟେକ ଦିନର ଦାନ ଓ ଶ୍ରୀମନ୍ଦିର ନୀତିକାନ୍ତିର ସମୟ ନିର୍ଘଣ୍ଟ ଲେଖା ଆସୁଥାଏ। ମୁଁ ମାଆଙ୍କୁ ବୁଝେଇଦେଲି। ଆଉଥରେ ମାଆଙ୍କର ଇଚ୍ଛା ହେଲା ଜଗତର ଦୁଃଖ ହାରିଣୀ ମାଆ ତାରିଣୀଙ୍କ ଦର୍ଶନ ପାଇଁ। ଆମେ ଯାଇ ଘଟଗାଁ ତାରିଣୀଙ୍କ ପୀଠରେ ପହଞ୍ଚିଲୁ। ମା' ତାରିଣୀଙ୍କ ଭାରିପ୍ରିୟ ନଡ଼ିଆ। ମନ୍ଦିର ବାହାରେ ଦୋକାନୀ ମାନେ ଡାକି ନେଉଥାଆନ୍ତି ନଡ଼ିଆ ଗୋଟିକୁ ଦଶଟଙ୍କା, ପନ୍ଦରଟଙ୍କା ଏମିତି। ଆମେ ନଡ଼ିଆ ପାଇଁ ଗଲୁ, ଦୋକାନୀ ଏକ ପୂଜା ଡଲାରେ ନଡ଼ିଆ ଧୂପ,ଦୀପ, ମାଆଙ୍କର ମୁକୁଟ ଆଦି ସଜେଇଦେଲେ। ଆମେ ପୂଜା ଡଲା ନେଇ ମନ୍ଦିର ଭିତରକୁ ଗଲୁ। ଭୋଗଲାଗିହେବା ପାଇଁ ଲମ୍ବା ଧାଡ଼ି। କିଏ କିଏ ମଧ୍ୟ ସୁରକ୍ଷା ଦାୟିତ୍ୱରେ ଥିବା ବାବୁମାନଙ୍କଦ୍ୱାରା ଟଙ୍କାଦେଇ ବିନା ଧାଡ଼ିରେ ଯାଉଛନ୍ତି, ପୁଣି ପୂଜକ ମାନଙ୍କର ଦକ୍ଷିଣା ପାଇଁ ଦାବୀ। ସେଇଠି ମଧ୍ୟ ଦାନବାକ୍ସ ଦେଖିବାକୁମିଳିଲା। ମନ୍ଦିର ବାହାରେ ଅନେକ ଭିକାରୀ ବସିଥାଆନ୍ତି। ଆଜିକାଲି ସବୁ ମନ୍ଦିରରେ ଦାନବାକ୍ସ, ମନ୍ଦିର ବାହାରେ ଭିକାରୀ ଓ ଦଲାଲଙ୍କ ଭିଡ଼ ଦେଖିବାକୁ ମିଳୁଛି। ସମସ୍ତେ ଏଠି ଟଙ୍କାରେ ମତଲବ୍ ରଖୁଛନ୍ତି। ଭକ୍ତ ଓ ଭଗବାନଙ୍କ ମଝିରେ ଦକ୍ଷିଣା ନାମରେ ଟଙ୍କାକୁ ଊର୍ଦ୍ଧ କରି ଭକ୍ତିର ବ୍ୟବସାୟୀକରଣ କରାଯାଉଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳେ ନିକଟ ଅତିତରେ ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ନିର୍ମିତ ହୋଇଥିବା ଜଗନ୍ନାଥ ମନ୍ଦିର। ପଶ୍ଚିମବଙ୍ଗ ସରକାର ମନ୍ଦିରଟି ପଶ୍ଚିମବଙ୍ଗର ପୂର୍ବମେଦିନୀପୁର ଜିଲ୍ଲାର ଦିଘା ସମୁଦ୍ରକୂଳରେ ନିର୍ମାଣ କରାଇଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଲା ଦିଘାକୁ ଅନେକ ପର୍ଯ୍ୟଟକ ଆସନ୍ତି ସେମାନେ ମଧ୍ୟ ଜଗନ୍ନାଥ ମନ୍ଦିର ବୁଲିବେ ଓ ହୁଣ୍ଡିବାକ୍ସରେ ଟଙ୍କା ରୋଜଗାର ହେବ। ସେ ମନ୍ଦିରରେ ଧର୍ମବୈଷମ୍ୟ ରହିଲା ନାହିଁ, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ସମସ୍ତଙ୍କୁ ଅନାୟସରେ ପ୍ରବେଶ ପାଇଁ ଅନୁମତି ଦିଆଗଲା। ମୁସଲମାନ ମାନେ ବସି ଭୋଗ ବିକ୍ରୟକଲେ, ବୈଦେଶିକ ଖ୍ରୀଷ୍ଟିୟାନ ମାନେ ଆସି ମନ୍ଦିର ବୁଲିଲେ ଓ ଅର୍ଥ ପ୍ରଦାନ କଲେ ଯାହାଫଳରେ ହିନ୍ଦୁମାନଙ୍କ ଆରାଧ୍ୟ ଦେବତାଙ୍କ ଉପରେ ଅତିତରେ ହୋଇଥିବା ଅତ୍ୟାଚାର ଯେପରିକି କଳାପାହାଡ ଦ୍ୱାରା ହେଉ କି ଇଂରେଜ ମାନଙ୍କ ଦ୍ୱାରା କୋଣାର୍କ ମନ୍ଦିରଭଗ୍ନ ହେଉ, ଏହି ପରି ଅନେକ ଅତ୍ୟାଚାରର ମର୍ଯ୍ୟାଦା ନଷ୍ଟ ହେଉଛି ଓ ଟଙ୍କା ପାଇଁ ଧର୍ମ ଓ ଭକ୍ତ ଉପରେ କୋଠରାଘାତ ହେଉଛି। ସୂଚନାଥାଉକି ଉକ୍ତ ମନ୍ଦିରର ପ୍ରତିଷ୍ଠା ପାଇଁ ଜଗନ୍ନାଥଧାମ ପୁରୀରୁ ମୁଖ୍ୟସେବାୟତ ସାମାନ୍ୟ କିଛି ଟଙ୍କାଲୋଭରେ ଦାରୁ ନେଇ ବିଗ୍ରହ ପ୍ରତିଷ୍ଠିତ କରାଇଥିଲେ। ସତରେ କ'ଣ ଆମ ମନରେ ଭକ୍ତି ରହୁଛି ନା ଆମେ ଲୋଭ, ଅହଂକାର ଓ କାମନାର ବଶବର୍ତ୍ତୀ ହେଉଛୁ?

ଏଠାରେ ଆଲୋଚ୍ୟର ବିଷୟ ଆମେ ଯେତେବେଳେ ମନ୍ଦିର ଭିତରକୁ ଯାଉ ମନ୍ଦିରରେ ଭଗବାନଙ୍କ ନିକଟରେ ହାତଯୋଡ଼ି ମୁଣ୍ଡ ନୁଆଁଇ କିଛି ମାଗିଥାଉ। ପ୍ରତ୍ୟେକ ବ୍ୟକ୍ତି, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ନିଜନିଜ ଧାର୍ମିକ ସ୍ଥଳକୁ ଯାଇ ମୁଣ୍ଡ ନୁଆଁଇ ଥାଆନ୍ତି ଓ କିଛିନା କିଛି ମାଗି ଥାଆନ୍ତି। କିଏ ସୁଖ ମାଗୁଛି ତ କିଏ ଶାନ୍ତି ମାଗୁଛି, କିଏ ବ୍ୟବସାୟର ଉନ୍ନତି ମାଗୁଛି ତ କିଏ ଚାକିରିଟିଏ ମାଗୁଛି, କିଏ ନିଜର କିମ୍ବା ପରିବାରର ଆରୋଗ୍ୟ ମାଗୁଛି ତ କିଏ ପେଟ ପାଇଁ ଖାଦ୍ୟ ଟିକିଏ ମାଗୁଛି। କିଏ ମନ୍ଦିର ଭିତରେ ମାଗୁଛି ତ କିଏ ମନ୍ଦିର ବାହାରେ ମାଗୁଛି। ଅତଏବ ଭଗବାନଙ୍କ ପାଖରେ ଆମେ ସମସ୍ତେ ମାଗୁଣି।

ପ୍ରଶ୍ନ ଉଠୁଛି ଭଗବାନଙ୍କ ପାଖରେ ଭକ୍ତ ଓ ଭଗବାନଙ୍କ ସେବାରେ ନିଜକୁ ସମର୍ପଣ କରିଥିବା କହୁଥିବା ପୂଜକମାନେ ଭକ୍ତଙ୍କ ପାଖରୁ ଟଙ୍କାର ଦାବୀ,ମନ୍ଦିର ଭିତରେ ହୁଣ୍ଡିବାକ୍ସ କଥା। ମୁଁ ଭଗବାନଙ୍କ ପାଖକୁ କିଛି ମାଗିବାକୁ ଯାଇଛି ମୋ ଦୁଃଖ ଜଣାଇବାକୁ ଯାଇଛି, ମୁଁ ମାଗୁଣି ନା ମୁଁ ଦାନି। ମୋ ମତରେ ମନ୍ଦିର ଭିତରକୁ ଯେପରି ମୋବାଇଲ ମନା, ବ୍ୟାଗ ମନା, ବ୍ୟାଲ୍ଟ ଇତ୍ୟାଦି ମନା, ସେହିପରି ମନ୍ଦିର ମଧ୍ୟକୁ ଟଙ୍କା ମନାକରିଦେବା ଉଚିତ। ଯାହାଫଳରେ ପୂଜକଙ୍କ ମନରେ ଲୋଭ ଆସିବନି କିମ୍ବା ଭକ୍ତଙ୍କୁ ପୂଜକଙ୍କ ଦାବୀଦାର ଦ୍ୱାରା ମନ ଦୁଃଖ କରିବାକୁ ପଡ଼ିବନି। ମନ୍ଦିର ଭିତରେ ଟଙ୍କା ପଇସାର କାରବାର ପାଇଁ ଲୋକଙ୍କ ମନରେ ଭକ୍ତିର ଭାବନା ଧିରେ ଧିରେ କମିବାରେ ଲାଗୁଛି। ପୂଜକଙ୍କ ପାରିଶ୍ରମିକ ପାଇଁ ମନ୍ଦିର ବାହାରେ ଫାଟକ ପାଖରେ ଦାନ ହୁଣ୍ଡି ରଖି ସ୍ୱେଚ୍ଛାକୃତ ଦାନ ଗ୍ରହଣ କରାଯାଉ କିମ୍ବା ଫାଟକ ନିକଟରେ ପ୍ରବେଶ ପାଇଁ ନିର୍ଦ୍ଦିଷ୍ଟ ମୁଲ୍ୟ ନିର୍ଦ୍ଧାରଣ କରାଯାଉ ଏବଂ ଏଥିରୁ ସଂଗୃହିତ ଅର୍ଥ ସେବକଙ୍କ ପାରିଶ୍ରମିକ ଓ ମନ୍ଦିରର ଉନ୍ନତିରେ ଲାଗୁ। ଯାହାଫଳରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଭକ୍ତିର ବନ୍ଧନ ଦୃଢ଼ ହେବ, ଅହଂଭାବ ଦୂରହେବା ସହ ଶୃଙ୍ଖଳିତ ପରିଚାଳନା ଓ ଦର୍ଶନ ହେଇପାରିବ ବୋଲି ମୋର ଆଶା।

# ମାଟିର ମହକ

ସଞ୍ଜ ନଇଁ ଆସୁଥିଲା। ଗାଁ ମୁଣ୍ଡ ବଟବୃକ୍ଷ ଛାଇରେ ବସି ରଘୁଜେଜା ନିଜର ପୁରୁଣା ଖାତାଟିକୁ ଓଲଟାଉଥିଲେ। ସେହି ଖାତାର ପ୍ରତିଟି ପୃଷ୍ଠାରେ ଲେଖାଥିଲା ଗାଁର ହସ-କାନ୍ଦ, ମାଟିର ଗନ୍ଧ ଏବଂ ବିଗତ ଦିନର କିଛି ଅଭୁଲା ସ୍ମୃତି।

ରଘୁଜେଜାଙ୍କ ନାତି ଅବିନାଶ, ଯିଏ ସହରର ବଡ଼ କମ୍ପାନୀରେ ଚାକିରି କରି ଗାଁକୁ ଆସିଥିଲା, ସେ ଆସି ଜେଜେଙ୍କ ପାଖରେ ବସିଲା। ହାତରେ ଦାମୀ ମୋବାଇଲ୍ ଫୋନ୍‌ଟି ଧରି ସେ କହିଲା, 'ଜେଜେ, ତୁମେ ସବୁବେଳେ ଏହି ନିରୋଳା ସ୍ଥାନରେ ବସି କ'ଣ ଭାବୁଥାଅ? ସହରର କୋଳାହଳ, ରଙ୍ଗୀନ୍ ଆଲୋକ ଏବଂ ବଡ଼ ବଡ଼ ଅଟ୍ଟାଳିକା ଆଗରେ ଏ ଗାଁଟା ତ ବହୁତ ପଛରେ ପଡ଼ିଯାଇଛି।'

ରଘୁଜେଜା ମୃଦୁ ହସିଲେ। ସେ ସ୍ନେହରେ ଅବିନାଶର କାନ୍ଧରେ ହାତ ରଖି କହିଲେ, 'ପୁଅ, ସହର ତୋତେ ଅର୍ଥ ଓ ସୁବିଧା ଦେଇପାରେ, କିନ୍ତୁ ଶାନ୍ତି ଦେଇପାରିବ ନାହିଁ। ଏହି ଗାଁର ମାଟିରେ ଯେଉଁ ସ୍ନେହ, ଆପଣାରପଣ ଏବଂ ସବୁଜିମା ଅଛି, ତାହା କୌଣସି କଂକ୍ରିଟ୍ ସହରରେ ମିଳିବ ନାହିଁ। ଏଠି ସକାଳର ପକ୍ଷୀଙ୍କ କାକଳି, ପବନରେ ଭାସିଆସୁଥିବା ଧାନକ୍ଷେତର ଗନ୍ଧ, ଏବଂ ଗାଁ ଲୋକଙ୍କ ନିଷ୍କପଟ ହସ ହେଉଛି ଆମର ପ୍ରକୃତ ସମ୍ପତ୍ତି।'

ସେହି ସମୟରେ ହଠାତ୍ ପ୍ରବଳ ବର୍ଷା ଆରମ୍ଭ ହୋଇଗଲା। ବର୍ଷାଟୋପା ଶୁଖିଲା ମାଟିରେ ପଡ଼ିବା ମାତ୍ରେ ଏକ ଅପୂର୍ବ, ମନମୁଗ୍ଧକର ମାଟିର ମହକ ଚାରିଆଡ଼େ ବ୍ୟାପିଗଲା।

ଅବିନାଶ ଗଭୀର ଶ୍ୱାସ ନେଇ ସେହି ମାଟିର ସୁବାସକୁ ନିଜ ଭିତରେ ସାଉଁଟି ନେଲା। ତା' ଆଖି ଆଗରେ ସହରର ଚକଚକିଆ ଦୁନିଆ ଗୌଣ ମନେହେଲା। ସେ ବୁଝିପାରିଲା ଯେ, ନିଜ ଭିଟାମାଟିର ଆକର୍ଷଣ ଓ ସମ୍ପର୍କର ଉଷ୍ମତା ସବୁଠାରୁ ବଡ଼ ସୁଖ। ସେ ଜେଜେଙ୍କ ହାତକୁ ଚାପି ଧରି କହିଲା, 'ସତରେ ଜେଜେ, ଏହି ମାଟିର ମହକ ଆଗରେ ସହରର ସବୁ ସୁଖ ଫିକା।'

**ଦେବସେନା ଅବନ୍ତିକା ପ୍ରଧାନ**
ଉତ୍ତମନଗର, ଘିଅଖଳା, ଖୋର୍ଦ୍ଧା

# ମୋବାଇଲ୍ ଯୁଗର କଥା ଓ ବ୍ୟଥା



ମାବାଇଲ୍ ହାତରେ ଦୁନିଆ ଆଜି
ଆଙ୍ଗୁଠି ଟିପରେ ଖବର,
ଦୂର ଦେଶର ମଣିଷଟି ମଧ୍ୟ
ଲାଗେ ଯେମିତି ନିଜର।
ଦୂରେ ଥିବା ପ୍ରିୟ ସାଙ୍ଗଟି
ମେସେଜ୍‌ରେ ହୁଏ ନିକଟ,
ଭିଡିଓ କଲ୍‌ରେ ମୁହଁ ଦେଖି
ମନ ହୁଏ ଉତ୍ଫୁଲ୍ଲିତ।
କଳାକାର ନିଜ କଳା ଦେଖାଏ
ଗାୟକ ଗାଏ ଗୀତ,
ନୃତ୍ୟଶିଳ୍ପୀ ନାଚ ଦେଖାଇ
ପାଏ ନୂଆ ପରିଚିତ।
ଛାତ୍ରଛାତ୍ରୀ ଜ୍ଞାନ ପାଇପାରନ୍ତି
ନୂଆ ନୂଆ କଥା ଶିଖି,
ଶିକ୍ଷାର ଅନେକ ଦୁଆର ଖୋଲେ
ଘରେ ବସି ଜ୍ଞାନ ରଖି।
ସୋସିଆଲ ମିଡ଼ିଆ ଏକ ମାଧ୍ୟମ
ଭାଲ କି ଖରାପ ଆମରି ହାତେ,
ବୁଦ୍ଧି ବିବେକ ସାଥିରେ ରଖି
ଚାଲିବା ଆମେ ଜୀବନ ପଥେ।
ଅଧିକ ସମୟ ମୋବାଇଲ୍ ଧରି
ସମୟ କୁ ନକର ନଷ୍ଟ,
ପାଠପଢା ଓ ନିଜକାମ ଛାଡ଼ି
ସ୍କ୍ରିନ୍‌ରେ ରହିବା ନୁହେଁ ଶ୍ରେଷ୍ଠ।
କିନ୍ତୁ ଏହି ମିଡ଼ିଆର ଜଗତରେ
ସାବଧାନ ହେବା ଦରକାର୍,
ସବୁ ଖବର ସତ ନୁହେଁ ଏଠି
ଭୁଲ୍ ଖବର ହୁଏ ପ୍ରଚାର।
ପରିବାର ପାଇଁ ସମୟ ଦେବା
ବନ୍ଧୁଙ୍କ ସଙ୍ଗେ ହସିବା,
ବହି ପଢ଼ିବା, ଖେଳିବା ସଙ୍ଗେ
ସୁନ୍ଦର ଜୀବନ ଗଢ଼ିବା।

**ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା**
ମାର୍ଫତ୍: ତେଜସ୍ୱିନୀ ଦେହୁରୀ
ମାମୁରିଆ, ଛେଣ୍ଡିପଦା, ଅନୁଗୋଳ
ମୋ: ୭୩୨୫୯୨୬୭୨୮

ଜାତୀୟ ଚେତନା
JATIYA CHETANA



# ଆଫଗାନିସ୍ତାନ ବିପକ୍ଷରେ ଭାରତର ସହଜ ବିଜୟ




ନୂଆଦିଲ୍ଲୀ,(ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଟି୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଦଳ ଦମ୍‌ଦାର ପ୍ରଦର୍ଶନ କରି ଚିତ୍ତାକର୍ଷକ ବିଜୟ ସହ ଶୃଙ୍ଖଳା ଅଭିଯାନ ଆରମ୍ଭ କରିଛି। ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବୋଲରଙ୍କ ଉପଯୁକ୍ତ ନିୟନ୍ତ୍ରଣ ଏବଂ ପରେ ଓପନର ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ୧୩.୪ ଓଭରରେ ୩ ୱିକେଟ୍ ହରାଇ ୧୫୭ ରନ୍‌ର ବିଜୟ ଲକ୍ଷ୍ୟ ପୂରା କରିନେଇଛି।

ମ୍ୟାଚ୍‌ରେ ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରିଥିଲେ ସୁଦ୍ଧା ଭାରତୀୟ ବୋଲିଂ ଆକ୍ରମଣ ସାମ୍ନାରେ ଆରମ୍ଭରୁ ହିଁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ମାତ୍ର ୫ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିବା ବେଳେ ୩୮ ରନ୍‌ରେ ଦ୍ୱିତୀୟ, ୩୯ ରନ୍‌ରେ ତୃତୀୟ, ୪୧ ରନ୍‌ରେ ଚତୁର୍ଥ ଏବଂ ୪୩ ରନ୍‌ରେ ପଞ୍ଚମ ୱିକେଟ ପାଇଥିଲା। ଅର୍ଦ୍ଧଶତକ ପୂର୍ବରୁ ଆଗାଧାଡ଼ିର ୫ ଜଣ ଖେଳାଳି ପାଭିଲିୟନ ଫେରିସାରିଥିଲେ।

ଆଫଗାନିସ୍ତାନ ଓପନର ରହମନୁଲ୍ଲା ଗୁରବାଜ ଏବଂ ନୁର ଅହମଦ ଖାତା ଖୋଲିପାରି ନଥିବା ବେଳେ ଗୁଲାବଦିନ ନବି ଓ ଡାରୱିସ ରାସୋଲି ୨-୨ ରନ୍ କରି ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇବ୍ରାହିମ ଜଦ୍ରାନ ୧୧ ରନ୍, ସଦିକୁଲ୍ଲା ଅଟଲ ୧୩ ରନ୍, ରସିଦ ଖାନ ୧ ରନ୍ ଏବଂ ମହମ୍ମଦ ନବି ୩୩ ରନ୍ କରିଥିଲେ। ତେବେ ଅଜମାତୁଲ୍ଲାହ ଓମରଜଇଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ବଳରେ ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୧୫୬ ରନ୍ ସଂଗ୍ରହ କରି ଭାରତ ଆଗରେ ୧୫୭ ରନ୍‌ର ଲକ୍ଷ୍ୟ ରଖିଥିଲା।

ଭାରତୀୟ ବୋଲରମାନେ ସଂଯମତା ରକ୍ଷା କରି ପ୍ରାରମ୍ଭରୁ ଆଫଗାନିସ୍ତାନ ଉପରେ ଚାପ ସୃଷ୍ଟି କରିଥିଲେ। ଦ୍ରୁତ ବୋଲର ଅର୍ଶଦୀପ ସିଂହ ଭାରତ ପକ୍ଷରୁ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଯଶପ୍ରୀତ ବୁମରା, ଅକ୍ଷର ପଟେଲ ଏବଂ ବରୁଣ ଚକ୍ରବର୍ତ୍ତୀ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ୍ ସଫଳତା ପାଇଥିଲେ। ୧୫୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ପ୍ରାରମ୍ଭରୁ ହିଁ ଆକ୍ରମଣାତ୍ମକ ରୂପ ଆପଣାଇଥିଲା। ଭାରତର ଏହି ସହଜ ବିଜୟରେ ଓପନର ଅଭିଷେକ ଶର୍ମା ପ୍ରମୁଖ ଭୂମିକା ଗ୍ରହଣ କରି ମ୍ୟାଚ୍‌ର ହିରୋ ସାଜିଥିଲେ। ସେ ମାତ୍ର ୩୨ଟି ବଲର ସାମ୍ନା କରି ୭ଟି ଚୌକା ଏବଂ ୭ଟି ବିଶାଳ ଛକା ସହାୟତାରେ ୮୨ ରନ୍‌ର ବୋମାବର୍ଷୀ ପାରି ଖେଳିଥିଲେ। ପରେ ସେ ମହମ୍ମଦ ନବିଙ୍କ ବଲରେ ରସିଦ ଖାନଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ସଂଜୁ ସାମସନ ୧୦ ରନ୍ କରି ଆଉଟ୍ ହୋଇଥିବା ବେଳେ ଈଶାନ କିଶନ ୪୨ ରନ୍‌ର ଉପଯୋଗୀ ପାରି ଖେଳି ଦଳକୁ ବିଜୟର ନିକଟତର କରିଥିଲେ। ଶେଷରେ ଶ୍ରେୟସ ଆୟର (୮) ଏବଂ ତିଳକ ବର୍ମା (୩) ଅପରାଜିତ ରହି ୧୩.୪ ଓଭରରେ ୩ ୱିକେଟ୍ ହରାଇ ଭାରତକୁ ଏକ ଚିତ୍ତାକର୍ଷକ ବିଜୟ ଭେଟି ଦେଇଥିଲେ।

# ରିବାକିନା ପ୍ରଥମ ଥର ୟୁଏସ୍ ଓପନ୍ ଚାମ୍ପିଅନ୍

ନ୍ୟୁୟର୍କ,(ଏଜେନ୍ସି): କଜାକିସ୍ତାନର ଏଲେନା ରିବାକିନା ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ହରାଇ ପ୍ରଥମ ଥର ୟୁଏସ୍ ଓପନ୍ ଟାଇଟଲ୍ ଜିତିଛନ୍ତି। ନ୍ୟୁୟର୍କର ଆର୍ଥର୍ ଏଶ୍ ଷ୍ଟାଡିୟମ୍‌ରେ ଶନିବାର ରାତିରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲ୍‌ରେ ରିବାକିନା ୬-୪, ୫-୭, ୬-୨ ସେଟ୍‌ରେ ସାବାଲେଙ୍କାଙ୍କୁ ହରାଇ ଦେଇଛନ୍ତି। ପରାଜୟ ପରେ ନିରାଶ ସାବାଲେଙ୍କା ନିଜ ର୍ୟାକେଟ୍ ଭାଙ୍ଗି ଦେଇଥିଲେ। ଏହି ବିଜୟ ସହିତ ରିବାକିନା ନିଜର ତୃତୀୟ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ଜିତିଛନ୍ତି ଏବଂ ସୋମବାର ଆଧିକାରିକ ଭାବେ ବିଶ୍ୱ ନମ୍ବର-୧ ହେବେ।

ରିବାକିନାଙ୍କ ବିଜୟ ସହିତ ସାବାଲେଙ୍କାଙ୍କ ଲଗାତାର ତୃତୀୟ ଥର ୟୁଏସ୍ ଓପନ୍ ଚାମ୍ପିଅନ୍ ହେବ ସ୍ୱପ୍ନ ଭଙ୍ଗ ହୋଇଛି। ଏହା ସହିତ ୟୁଏସ୍ ଓପନ୍‌ରେ ତାଙ୍କ ୧୯ ମ୍ୟାଚ୍ ବିଜୟ ଧାରାର ମଧ୍ୟ ଅନ୍ତ ଘଟିଛି। ସାବାଲେଙ୍କା ଗତ ୯୯ ସପ୍ତାହ ଧରି ବିଶ୍ୱର ନମ୍ବର-୧ ଖେଳାଳି ଥିଲେ।

ରିବାକିନା ଏହା ପୂର୍ବରୁ ୨୦୨୨ରେ ୱିମ୍ବଲଡନ୍ ଏବଂ ୨୦୨୬ରେ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ୍ ଜିତିଥିଲେ। ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲ୍‌ରେ ମଧ୍ୟ ସେ ସାବାଲେଙ୍କାଙ୍କୁ ହରାଇଥିଲେ। ୟୁଏସ୍ ଓପନ୍ ଜିତିବା ପରେ ଏବେ ରିବାକିନାଙ୍କ ନିକଟରେ କ୍ୟାରିୟର୍ ଗ୍ରାଣ୍ଡ ସ୍ଲାମ୍ ପୂରା କରିବା ପାଇଁ ମାତ୍ର ଫ୍ରେଞ୍ଚ୍ ଓପନ୍ ଟାଇଟଲ୍ ଜିତିବା ବାକି ରହିଛି।

ୟୁଏସ୍ ଓପନ୍ ଟାଇଟଲ୍ ଜିତିବା ଫଳରେ ରିବାକିନାଙ୍କୁ ୫୫ ଲକ୍ଷ ଡଲାର ଅର୍ଥାତ୍ ୪୬ କୋଟି ଟଙ୍କାର ପୁରସ୍କାର ରାଶି ମିଳିଛି। ସେହିପରି ଉପବିଜେତା ସାବାଲେଙ୍କାଙ୍କୁ ୨୮ ଲକ୍ଷ ଡଲାର ମିଳିଛି।

# ଜୁନିୟର୍ ଏସିଆ କପ୍ ହକି: ପୁରୁଷ ଓ ମହିଳାରେ ଭାରତ ଚାମ୍ପିଅନ୍

ମୋକ୍ପୋ,(ଏଜେନ୍ସି): ଭାରତୀୟ ହକି ପାଇଁ ଏକ ସ୍ମରଣୀୟ ଦିନ ହୋଇଛି। ଚୀନ୍‌ର ମୋକ୍ପୋରେ ଖେଳାଯାଉଥିବା ଜୁନିୟର୍ ହକି ଏସିଆ କପ୍‌ରେ ଉଭୟ ଭାରତୀୟ ଜୁନିୟର୍ ପୁରୁଷ ଓ ମହିଳା ଟିମ୍ ଚାମ୍ପିଅନ୍ ହୋଇଛନ୍ତି। ଏହା ସହିତ ଉଭୟ ଟିମ୍ ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତୀୟ ମହିଳା ଟିମ୍ ଫାଇନାଲ୍‌ରେ ଆୟୋଜକ ଚୀନ୍‌କୁ ୧-୦ ଗୋଲ୍‌ରେ ହରାଇ ଲଗାତାର ତୃତୀୟ ଥର ପାଇଁ ଟାଇଟଲ୍ ନିଜ ନାମରେ କରିଥିବା ବେଳେ ପୁରୁଷ ଟିମ୍ ସାଉଥ୍ କୋରିଆକୁ ୪-୧ ଗୋଲ୍‌ରେ ମାତ୍‌ଦେଇ ଟାଇଟଲ ଡିଫେଣ୍ଡ କରିବାରେ ସଫଳ ହୋଇଛି। ଦୁଇ ଚାମ୍ପିଅନ୍ ଟିମ୍‌ର ପ୍ରତ୍ୟେକ ଖେଳାଳିଙ୍କୁ ୩-୩ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ଦେବା ପାଇଁ ହକି ଇଣ୍ଡିଆ ଘୋଷଣା କରିଛି। ସେହିପରି ଉଭୟ ଟିମ୍‌ର ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ମଧ୍ୟ ୧.୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା ହୋଇଛି।

ଆଜି ଖେଳାଯାଇଥିବା ପୁରୁଷ ଫାଇନାଲ୍‌ରେ ଭାରତ ୪-୧ରେ ସାଉଥ୍ କୋରିଆକୁ ହରାଇ ଲଗାତାର ଚତୁର୍ଥ ତଥା ମୋଟ ଉପରେ ଷଷ୍ଠ ଥର ପାଇଁ ଚାମ୍ପିଅନ୍ ହୋଇଛି। ଏହା ପୂର୍ବରୁ ଟିମ୍ ୨୦୧୫, ୨୦୨୩, ୨୦୨୪ରେ ଟାଇଟଲ୍ ହାସଲ କରିଥିଲା। ଲଗାତାର ଚାରିଥର ଚାମ୍ପିଅନ୍ ହେବାରେ ଭାରତ ଟୁର୍ଣ୍ଣାମେଣ୍ଟ ଇତିହାସରେ ପ୍ରଥମ ଟିମ୍ ହୋଇଛି। ଫାଇନାଲ୍‌ର ପ୍ରଥମ କ୍ୱାର୍ଟରରେ ଅଜିତ୍ ଯାଦବ ଏବଂ କ୍ୟାପଟେନ୍ ଅନ୍‌ମୋଲ୍ ଏକ୍କା ଗୋଲ୍ ଦେଇ ଭାରତକୁ ଅଗ୍ରଣୀ କରିଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ପ୍ରଭଦପ୍ ସିଂହ ଗୋଲ୍ ଦେଇ ୩-୦ରେ ଭାରତର ଅଗ୍ରଣୀକୁ ଆହୁରି ମଜଭୁତ କରିଥିଲେ। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଆଶୁ ମୌର୍ଯ୍ୟା (୫୦ ତମ ମିନିଟ୍) ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ସ୍କୋର ୪-୦ କରିଥିଲେ। ସାଉଥ୍ କୋରିଆ ପକ୍ଷରୁ ଏକମାତ୍ର ଗୋଲଟି କ୍ୟାପଟେନ୍ ଲି ମିନ୍‌ହ୍ୟୋକ୍ ୫୪ତମ ମିନିଟ୍‌ରେ ଦେଇଥିଲେ।

ଭାରତୀୟ ମହିଳା ଟିମ୍ ପକ୍ଷରୁ ଏକମାତ୍ର ତଥା ନିର୍ଣ୍ଣାୟକ ଗୋଲ୍‌ଟି ସାନିକା ଚନ୍ଦ୍ରକାନ୍ତ ମାନେ ୧୭ତମ ମିନିଟ୍‌ରେ ସ୍କୋର୍ କରିଥିଲେ। ଭାରତୀୟ ମହିଳା ଟିମ୍ ପୂରା ଟୁର୍ଣ୍ଣାମେଣ୍ଟରେ ଅଜେୟ ରହି ଟାଇଟଲ୍ ହାସଲ କରିଛି। ଟିମ୍ ସେମିଫାଇନାଲ୍‌ରେ ସାଉଥ୍ କୋରିଆକୁ ୫-୧ ଏବଂ କ୍ୱାର୍ଟର୍ ଫାଇନାଲ୍‌ରେ ପାକିସ୍ତାନକୁ ୧୯-୦ ଗୋଲ୍‌ରେ ହରାଇଥିଲା। ସାଉଥ୍ କୋରିଆକୁ ୪-୧ ଗୋଲ୍‌ରେ ହରାଇ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିଥିବା ଭାରତୀୟ ମହିଳା ଟିମ୍ ପୁଲ୍ ପର୍ଯ୍ୟାୟରେ ପରେ ମାଲେସିଆକୁ ୧୧-୧, ଜାପାନକୁ ୭-୦ ଗୋଲ୍‌ରେ ହରାଇଥିବା ବେଳେ ଆୟୋଜକ ଚୀନ୍ ସହିତ ଗୋଲଶୂନ୍ୟ ଡ୍ର' ଖେଳିଥିଲା।

## ଅଜାଆଇଙ୍କ ହସ କାହାଣୀ



ଅଜା ଯାଇଥିଲେ ହାଟକୁ,
ଆଇ ଚାହିଁଥିଲେ ବାଟକୁ ॥
ଫରମାସି ଥିଲା ଆଇର,
ଆଣିବେ ଚିଙ୍ଗୁଡ଼ି ନଈର ॥
ଭୁଲିଗଲେ ଅଜା ବାଟରେ,
ପାଟ କିଣି ଦେଲେ ହାଟରେ ॥
ପିନ୍ଧି ଆଇ ଖୁସି ହୋଇଲେ,
ଅଜାଙ୍କ ଆଡ଼କୁ ଚାହିଁଲେ ॥
ଅଜା ଦେଖି ଦେଲେ ହସି,
ଆଇ ମନ ପୁରା ଖୁସି ॥

**ତେଜସ୍ୱିନୀ ଦେହୁରୀ**
ଦଣ୍ଡସିଂହା, ବାରକୋଟ, ଦେବଗଡ଼
ମୋ: ୭୨୦୫୭୦୪୬୫୦

## ଆସିଲା ଶରତ

ବରଷା ସରିଲା ପରେ
ଆସିଲା ଶରତ
ଭୂଗୋଳ ବଦଳିଗଲା
ନୂଆ ମାନଚିତ୍ର।
ପଚପଚ ମାଟି ନାହିଁ
ନାହିଁ ଅତି ଟାଣ
ସବୁଜିମା ରଙ୍ଗ ଛାଡ଼େ
ବିଚଳିତ ମନ।
ହଲୁଛି ଧାନ କିଆରୀ
ଆଉଁସେ ପବନ
ନଈପଠା ମୂକ ପରି
କରୁଛି ଗର୍ଜନ।
ବାଉଁଶ ବଣ ଭିତରୁ
ଦିଶେ କାହା ମୁହଁ
ଜଳଜଳ ଚାହିଁଅଛି
ମନେରଖି ଭୟ।
ରାତି ସିନା ଆସିଗଲେ
ଶୃଗାଳକୁ ଭଲ
ଧାଇଁଧାଇଁ ଚାଲିଯିବ
ପ୍ରେମରେ ପାଗଳ।
ନଈପଠା ଗର୍ବ କରେ
ଧରି କାଶତଣ୍ଡୀ
ଭୂଗୋଳ ବଦଳିଗଲା
ନୂଆ ରୂପ ମଣ୍ଡି।
ଘାସ ଗାଲିଚା ଉପରେ
ଶିଶିରର ବିନ୍ଦୁ
ରୁପା ପରି ଦିଶୁଥାଏ
ସତେ କି ସେ ଇନ୍ଦୁ।
ଶରତ ଲାବଣ୍ୟ ଦେଖି
ବିଭୋର ମଣିଷ
ସମ୍ପର୍କର ସେତୁ ବାନ୍ଧି
ଖୋଜୁଛି ପିୟୂଷ।
ନୂଆ ଭୂଗୋଳର ଛବି
ନୂଆ ନୂଆ ଲାଗେ
ମନ ମୁଗ୍ଧ ଆକର୍ଷଣ
ହୁଏ ଅନୁଭବେ।

**ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ, ଖୋର୍ଦ୍ଧା

## ପକ୍ଷୀ

ଉଡ଼ିବା ଶିଖିଛି
ଉଡ଼େଇବା ଶିଖିଛି
ଶିକାର କରିବା ଶିଖିଛି
ଶିକାରୀ ହାବୁଡ଼ରେ ପଡ଼ିଲେ
ଜୀବନ ଯିବ ଜାଣିଛି
ଗୁଣୁଗୁଣୁ ଗୀତ ଗାଇବା ଜାଣିଛି
ପ୍ରେମ କରିବା ଜାଣିଛି
ବିରହ ବେଦନାର ସ୍ୱାଦ ବି ଅନୁଭବିଛି
କେବେ କାହା ହାତଟେକାରେ
ତା'ର ବିଶ୍ୱାସ /ଅବିଶ୍ୱାସ ନଥାଏ
ନିଜ ଡେଣା ହିଁ ତା' ବିଶ୍ୱାସର ମୂଳମନ୍ତ୍ର
ବାରମ୍ବାର ନିଜ ଘର ନିଜେ ତିଆରେ
ଭାଙ୍ଗେ ପୁଣି ତିଆରି କରେ
କାହା ଦୟାରେ ନୁହେଁ
ବରଂ ନିଜ ଡେଣା, ଥଣ୍ଟ
ଗୋଡ ମାଧ୍ୟମରେ।
କେବେକେବେ ସହରୀ
କଳକାରଖାନା/ ଗାଡ଼ିମୋଟର ବାୟୁରେ
ଆକ୍ରାମାନ୍ତ ହୁଏ ତ
ସେ ପ୍ରକୃତି କୋଳକୁ ଫେରିଯାଏ
ବର୍ଷାରେ ଭିଜିବା ଜାଣେ
ବାରୁଦ ଗନ୍ଧକୁ ଶୁଙ୍ଘିପାରେ
ନିଜ ସ୍ୱାସ୍ଥ୍ୟର ଯତ୍ନ ନିଜେ ନିଏ।

**ଚିରଞ୍ଜୀବୀ ଦାଶ**
ଭଞ୍ଜନଗର, ଗଞ୍ଜାମ

## ବାପା

ତାଙ୍କ ଝାଳୁଆ ପିଠିରେ
କର୍ଦ୍ଦମାକ୍ତ ଆଉ କ୍ଷତାକ୍ତ
ସଂସାରକୁ ବସ୍ତାରେ ପୂରେଇ
ସାରା ଜୀବନ ଭିଡ଼ି ଠେଲି
କେବେ ଅଣ୍ଟା ନ ନୁଆଁଇ
ବୋହି ନଉଥିବା ଲୋକର ନାଁ
ବାପା ଛଡ଼ା ଆଉ କ'ଣ ହୋଇପାରେ।
ଭାତ ସାଙ୍ଗରେ ଡାଲି ଗୋଳେଇ
ପୁଅ ପେଟକୁ ଠେଲି ଦେଉଥିବା
ଲୋକଟିର ନାଁ
ବାପା ଛଡ଼ା ଆଉ କ'ଣ ହୋଇପାରେ।
ସାଢ଼େ ଚାରି ବର୍ଷର ଝିଅକୁ
କାନ୍ଧରେ ବସେଇ
ମେଳା ଭିତରେ
ଯୋଉ ଲୋକଟି ତା' ଶିରାଳ ହାତରେ
କେଇ ଖଣ୍ଡ ମିଠେଇ ଧରି
ପାଟିକୁ ବଢ଼େଇଦିଏ
ସେ ଲୋକର ନାଁ
ବାପା ଛଡ଼ା ଆଉ କ'ଣ ହୋଇପାରେ।
ନିହାତି ସେ ଲୋକଟିର ନାଁ
ବାପା ହୋଇଥିବ
ହଁ ନିଶ୍ଚୟ ହୋଇଥିବ।

**ସୁବ୍ରତ ସାହୁ**
ମେଣ୍ଢାଶାଳ, ଜଗତସିଂହପୁର

ଜାତୀୟ ଚେତନା
JATIYA CHETANA



## ପରଦାକୁ ଆସୁଛି ନୂଆ ଓଡ଼ିଆ ଫିଲ୍ମ

# 'ବ୍ୟାକ୍ ବେଞ୍ଚର୍ସ'



ଓଲିଉଡ୍‌ରେ ଶିକ୍ଷା ଓ ଗୁରୁ-ଶିଷ୍ୟ ପରମ୍ପରାର ମାହାତ୍ମ୍ୟକୁ ନେଇ ନିର୍ମାଣ ହେବାକୁ ଯାଉଛି ଏକ ଅନନ୍ୟ ତଥା ନିଆରା କାହାଣୀ ଆଧାରିତ ଓଡ଼ିଆ ସିନେମା 'ବ୍ୟାକ ବେଞ୍ଚର୍ସ'। ସୂର୍ଯ୍ୟ ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେଉଥିବା ଏହି ସିନେମାର ଶୁଭାରମ୍ଭ ଗତ ସେପ୍ଟେମ୍ବର ୫ ତାରିଖ ପବିତ୍ର ଗୁରୁ ଦିବସ ଅବସରରେ କରାଯାଇଛି। ବର୍ତ୍ତମାନ ଭୁବନେଶ୍ୱରର ବିଭିନ୍ନ ସୁନ୍ଦର ଓ ଆକର୍ଷଣୀୟ ସ୍ଥାନରେ ଏହାର ସୁଟିଂ ଦ୍ରୁତ ଗତିରେ ଚାଲିଥିବା ବେଳେ ଆସନ୍ତା ୨୦୨୭ ମସିହା ଏପ୍ରିଲ ଶେଷ କିମ୍ବା ମେ ମାସ ପ୍ରାରମ୍ଭରେ ଏହା ପ୍ରେକ୍ଷାଳୟକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ଏହି ଚଳଚ୍ଚିତ୍ର ମାଧ୍ୟମରେ ଓଲିଉଡ ଜଗତରେ ପଦାର୍ପଣ କରିବାକୁ ଯାଉଛନ୍ତି ଲୋକପ୍ରିୟ ଅଭିନେତା ତଥା ରାଜନେତା ଆକାଶ ଦାସନାୟକଙ୍କ ଭାଣିଜୀ ଜୋସିକା ବୋଷ। ସିନେମାରେ ସେ ଯୁବ ଅଭିନେତା ଶୁଭମ ନାୟକଙ୍କ ସହ ନାୟିକା ଭୂମିକାରେ ନଜର ଆସିବେ ଏବଂ ପ୍ରଥମ ଥର ପାଇଁ ଏହି ନୂଆ ଯୋଡ଼ିଙ୍କର ମନୋରଞ୍ଜନଧର୍ମୀ ପ୍ରେମ ସମ୍ପର୍କ ଓ କେମେଷ୍ଟ୍ରି ପରଦାରେ ଦେଖିବାକୁ ମିଳିବ। ଏହି ଫିଲ୍ମଟି କିଛି ସତ୍ୟ ଘଟଣା ଓ କଳ୍ପନାର ସୁନ୍ଦର ମିଶ୍ରଣରେ ଏକ ନାଟକୀୟ ମୋଡ଼ ନେଇ ଗତିଶୀଳ ହୋଇଛି।

ସିନେମାର କାହାଣୀ ସାଧାରଣ ଶ୍ରେଣୀଗୃହର ପଛ ବେଞ୍ଚରେ ବସୁଥିବା ଏବଂ ପାଠପଢ଼ାରେ ଅବହେଳା କରୁଥିବା ଦୁଷ୍ଟ ଛାତ୍ରମାନଙ୍କ ଜୀବନ ଉପରେ ଆଧାରିତ। ଜଣେ ନିଷ୍ଠାପର, ଅବିବାହିତ ସାଧାରଣ ଟ୍ୟୁସନ ଶିକ୍ଷକ ନିଜର ଆଦର୍ଶ, ତ୍ୟାଗ, ବଳିଦାନ ଓ ଅସୀମ ଭଲପାଇବା ବଳରେ କିପରି ସେହି ପଥଭ୍ରଷ୍ଟ ବ୍ୟାକ ବେଞ୍ଚର ଛାତ୍ରମାନଙ୍କୁ ସଫଳତାର ଶୀର୍ଷକୁ ନେଇ ସର୍ବଶ୍ରେଷ୍ଠ ଛାତ୍ର ଭାବେ ଗଢ଼ିତୋଳୁଛନ୍ତି, ତାହା ଏଥିରେ ନିଖୁଣ ଭାବେ ଚିତ୍ରିତ ହୋଇଛି।



ପ୍ରସିଦ୍ଧ ନିର୍ଦ୍ଦେଶକ ତାପସ ସରଘରିଆ ଏହି ଆବେଗପୂର୍ଣ୍ଣ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳିଥିବା ବେଳେ ସୂର୍ଯ୍ୟନାରାୟଣ ଗୌଡ଼ ଏହାର ପ୍ରଯୋଜନା କରୁଛନ୍ତି। ଫିଲ୍ମରେ କୁନା ତ୍ରିପାଠୀ, ଦ୍ୱିପାନ୍ୱିତ ଦାସ ମହାପାତ୍ର, ଜଷ୍ଟି, ସୁଶାନ୍ତ ଦାସମହାପାତ୍ର, ଜଗନ୍ନାଥ ମଲ୍ଲୁ, ସୋମ ରୟ, ରଶ୍ମି ରଥ, ଶ୍ରୀ ସୋମ, ସୋନାଲି ଓଝା, ହରିହର ପାତ୍ର, ଆଶିଷ ଦାସ (ଗୁଲୁଆ), ସରୋଜ ଶତପଥି ଏବଂ ଅରବିନ୍ଦ ଜେନାଙ୍କ ଭଳି ଅନେକ ବରିଷ୍ଠ ଓ ଲୋକପ୍ରିୟ କଳାକାର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି। ଏହି ସିନେମାଟି ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ନୂଆ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବ ବୋଲି ପ୍ରଯୋଜକ ଆଶାପ୍ରକାଶ କରିଛନ୍ତି।

# ବିଗ୍ ବସ୍‌ରେ ସଲ୍‌ମାନ୍‌ଙ୍କ ମସ୍ତି ଓ ତାଗିଦ୍

ସୁପରଷ୍ଟାର ସଲମାନ ଖାନଙ୍କ ଦ୍ୱାରା ସଞ୍ଚାଳିତ ଅତ୍ୟନ୍ତ ଲୋକପ୍ରିୟ ରିଆଲିଟି ଶୋ' 'ବିଗ୍ ବସ୍ ସିଜନ୍ ୨୦'ର ପ୍ରଥମ 'ୱିକେଣ୍ଡ କା ୱାର' ଏପିସୋଡ୍‌କୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ସେପ୍ଟେମ୍ବର ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଶୋ'ରେ ଭିନ୍ନ ଭିନ୍ନ କ୍ଷେତ୍ରରୁ ଆସିଥିବା ୧୬ ଜଣ ପ୍ରତିଯୋଗୀ ନିଜର ଆକର୍ଷଣୀୟ ଖେଳ ଶୈଳୀ ଦ୍ୱାରା ଦର୍ଶକଙ୍କୁ ବାନ୍ଧି ରଖିଛନ୍ତି। ପ୍ରଥମ ସପ୍ତାହର ଏହି ସ୍ୱତନ୍ତ୍ର ଏପିସୋଡ୍‌ରେ ସଲମାନ ଖାନ୍ ଯେତିକି ମଜାମଜାତି କରିଛନ୍ତି, ସେତିକି କିଛି ପ୍ରତିଯୋଗୀଙ୍କୁ କଡ଼ା ଭାଷାରେ ସଚେତନ ମଧ୍ୟ କରାଇଛନ୍ତି।

ଏହି ସପ୍ତାହର ବିଶେଷ ଆକର୍ଷଣ ପାଲଟିଛନ୍ତି ପ୍ରତିଯୋଗୀ କାଜି ତୌକିର୍। ନିଜର ସ୍ୱତନ୍ତ୍ର ଶୈଳୀ ଏବଂ ସଂଳାପ ଦ୍ୱାରା ସେ ଘର ଭିତରେ ଏକ ଅଲଗା ବାତାବରଣ ତିଆରି କରିବା ସହ ସଞ୍ଚାଳକ ସଲମାନ ଖାନଙ୍କ ମନ ଜିଣିପାରିଛନ୍ତି। ଜାରି ହୋଇଥିବା ନୂଆ ପ୍ରୋମୋ ଅନୁଯାୟୀ, ସଲମାନ ତାଙ୍କର ପ୍ରଶଂସା କରି କହିଛନ୍ତି ଯେ ଘର ଭିତରେ ଯେତେ ତାରକା ଥିଲେ ବି କାଜି ହିଁ ପ୍ରକୃତ ରକ୍‌ଷ୍ଟାର୍। ଏହାପରେ ସଲମାନ ନିଜେ କାଜିଙ୍କଠାରୁ ତାଙ୍କର ସ୍ୱତନ୍ତ୍ର ଡାନ୍ସ ଷ୍ଟେପ୍ ଶିଖିବା ସହ ଘରର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ସେଥିରେ ସାମିଲ କରାଇ ବେଶ୍ ମନୋରଞ୍ଜନ କରିଥିଲେ। ତେବେ କେବଳ ମସ୍ତି ନୁହେଁ, କାଜି ଅସୁସ୍ଥତାର ବାହାନା କରି ବିଗ୍ ବସ୍‌ଙ୍କ ନିକଟରେ ମିଛ କହିଥିବାରୁ ସଲମାନ ତାଙ୍କୁ ତାଗିଦ୍ କରିବାକୁ ପଛାଇ ନଥିଲେ। ଅପରପକ୍ଷରେ, ଘରର ଅନ୍ୟତମ ସଦସ୍ୟା ମାହି ଭିଜ୍‌ଙ୍କ ବ୍ୟବହାରକୁ ନେଇ ମଧ୍ୟ ଗରମାଗରମ ପରିସ୍ଥିତି ସୃଷ୍ଟି ହୋଇଛି। ମାହିଙ୍କର ଅନ୍ୟମାନଙ୍କ ଉପରେ ହୁକୁମ ?ଲାଇବା ସ୍ୱଭାବ ଏବଂ ଛାଡ଼ପତ୍ରପ୍ରାପ୍ତ ମହିଳା ପ୍ରତିଯୋଗୀଙ୍କ ପ୍ରବେଶକୁ ନେଇ ସେ ଦେଇଥିବା ଅଭଦ୍ର ମନ୍ତବ୍ୟ ପାଇଁ ସଲମାନ ତାଙ୍କୁ କଡ଼ା ଭାଷାରେ ତାଗିଦ୍ କରିଛନ୍ତି।

ଅନ୍ୟପଟେ ଘର ଭିତରେ ପ୍ରତିଯୋଗୀ ଅମନ୍ ଗାନ୍ଧୀ ଏବଂ ଆସିଫ୍‌ଙ୍କ ମଧ୍ୟରେ ହୋଇଥିବା ଉଗ୍ର ଝଗଡ଼ା ଓ କଥା କଟାକଟି ପରିସ୍ଥିତିକୁ ଆହୁରି ସଙ୍ଗୀନ କରିଦେଇଛି। ଶାରୀରିକ ହସ୍ତକ୍ଷେପ ଏବଂ କଟୁ ଭାଷାର ପ୍ରୟୋଗ ଯୋଗୁଁ ଅନ୍ୟ ସଦସ୍ୟମାନଙ୍କୁ ସେମାନଙ୍କୁ ଅଟକାଇବାକୁ ପଡ଼ିଥିଲା। ପ୍ରଥମ ସପ୍ତାହ ଶେଷରେ କନିକା ମାନ୍, ଉଦିତି ସିଂହ, ଲଭ୍ ଗିଲ୍ ଏବଂ ଆରିଷ୍ଟା ଖାନ୍ ଘରୁ ବାହାରିବା ପାଇଁ ମନୋନୀତ ହୋଇଥିବା ବେଳେ କେଉଁ ପ୍ରତିଯୋଗୀ ପ୍ରଥମେ ଶୋ'ରୁ ବିଦାୟ ନେବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି।





# ମୁକ୍ତିଲାଭ ଅପେକ୍ଷାରେ ନୂଆ ଓଡ଼ିଆ ଛବି 'ଆଶିକ୍ ଦିୱାନା'

ଓଲିଉଡ ଶିଳ୍ପରେ ଗତ ବର୍ଷେ ହେବ ବେଶ୍ ଚର୍ଚ୍ଚାରେ ରହିଥିବା ନୂଆ ଓଡ଼ିଆ ଛବି 'ଆଶିକ୍ ଦିୱାନା'ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇସାରିଛି। ସିନେମାର ସମସ୍ତ ସୁଟିଂ କାମ ଶେଷ ହୋଇସାରିଥିଲେ ସୁଦ୍ଧା ଏହା କେବେ ପ୍ରେକ୍ଷାଳୟକୁ ଆସିବ, ସେ ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ କୌଣସି ଆଧିକାରିକ ଘୋଷଣା କରାଯାଇନାହିଁ। ମୁକ୍ତିଲାଭ ତାରିଖକୁ ନେଇ କୌଣସି ସୂଚନା ନଥିବାରୁ ଏହାକୁ ନେଇ ଦର୍ଶକ ଏବଂ ଓଲିଉଡ ପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।



ଏହି ସିନେମାରେ ଲୋକପ୍ରିୟ କଳାକାର ଦୀପକ, ରୀୟା ଏବଂ ପ୍ରିୟଙ୍କା ପାଣିଗ୍ରାହୀ ମୁଖ୍ୟ ନାୟକ ଓ ନାୟିକା ଭୂମିକାରେ ଅଭିନୟ କରିଛନ୍ତି। 'ରସିକ ନାଗର', 'ଧୀରେ ଧୀରେ ପ୍ରେମ ହେଲା', 'ହିରୋ ଏକ ପ୍ରେମ କଥା', 'କ୍ରିମିନାଲ୍', 'ହରି ଓମ୍ ହରି', 'ଧର୍ମ-ଦି ଫାଇଟ୍', 'ଟାଇଗର୍', 'ତୁ ଥିଲେ ମୋ ଡର କାହାକୁ', 'ମେଣ୍ଟାଲ୍', 'ଦିଲକା ରାଜା', 'ତୁ ମୋ ହିରୋ', 'ଲେଖିଛି ନାଆଁ ତୋର', 'ତୁ ମୋ ସୁନା ଚଢ଼େଇ', 'ଓମ୍ ସ୍ୱାହା', 'ଲାଗେ ପ୍ରେମ ନଜର' ଏବଂ 'ଶମ୍ଭୁ' ଭଳି ଅନେକ ସଫଳ ଓଡ଼ିଆ ଛବିର ନିର୍ଦ୍ଦେଶନା ଦେଇଥିବା ପ୍ରସିଦ୍ଧ ନିର୍ଦ୍ଦେଶକ ଏସ୍ ଦିଲ୍ଲୀପ ପଣ୍ଡା ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି।

ଏହି ଛବି ଜରିଆରେ ଜଣାଶୁଣା ପ୍ରଯୋଜକ ପ୍ରମୋଦ ସ୍ୱାଇଁ ଦୀର୍ଘ ଦିନ ପରେ ଓଲିଉଡ୍ ପ୍ରଯୋଜନାକୁ ବାହୁଡ଼ିଛନ୍ତି। ଏହାପୂର୍ବରୁ ସେ 'ତୁ ମୋ ଆଖିର ତାରା', 'ଦେ ମା ଶକ୍ତି ଦେ', 'ଦିୱାନା ଦିୱାନୀ', 'ତୁ ମୋ ଡ୍ରିମ୍ ?ଗାର୍ଲ' ଏବଂ 'ଆଶିକ୍' ଭଳି ୬ଟି ଲୋକପ୍ରିୟ ଓଡ଼ିଆ ଛବିର ନିର୍ମାଣ କରିସାରିଛନ୍ତି। ଏହି ଫିଲ୍ମର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ବିଶିଷ୍ଟ କାହାଣୀକାର ଡକ୍ଟର ରଜନୀ ରଞ୍ଜନ। ଛବିର ନିର୍ମାଣ ଶେଷ ହୋଇଥିବାରୁ ପ୍ରଯୋଜକ ବୃନ୍ଦ ଖୁବ୍ ଶୀଘ୍ର ଏହାର ମୁକ୍ତିଲାଭ ତାରିଖ ଘୋଷଣା କରିବେ ବୋଲି ଆଶା କରାଯାଉଛି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ